ବର୍ଷ-୨୪, ସଂଖ୍ୟା-୯୨
ଭୁବନେଶ୍ୱର
୧୯ ଏପ୍ରିଲ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 92
Bhubaneswar
19 April, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜିତିଲା ଡିସି

# ଇଭିଏମ ନେଇ ସୁପ୍ରିମକୋର୍ଟରେ ସରଗରମ ଆଲୋଚନା

## ନିର୍ବାଚନ ପ୍ରକ୍ରିୟାରେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର : ସୁପ୍ରିମକୋର୍ଟ

## ସ୍ୱତନ୍ତ୍ର ଅଡିଟ କରିବାକୁ ପ୍ରସ୍ତାବ

## ବିଦେଶ ଇଭିଏମ୍ ଏବଂ ଭାରତରେ ବ୍ୟବହୃତ ଇଭିଏମ ମଧ୍ୟରେ ପାର୍ଥକ୍ୟ ବୁଝାଇଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୮।୪(**ମହାଭାରତ**): ନିର୍ବାଚନ ପ୍ରକ୍ରିୟାରେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର ବୋଲି ଆଜି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଏଥିସହ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ କମିଶନ କ'ଣ ସବୁ ପଦକ୍ଷେପ ଅନୁସରଣ କରୁଛନ୍ତି, ସେ ବିଷୟରେ ବିସ୍ତୃତ ତଥ୍ୟ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଇଭିଏମ ବା ବୈଦ୍ୟୁତିକ ମତଦାନ ଯନ୍ତ୍ର ଦ୍ୱାରା ହେଉଥିବା ଭୋଟ ସହ ଭିଭିପ୍ୟାଟ ସିଷ୍ଟମ ଦ୍ୱାରା ଦୃଶ୍ୟମାନ ହେଉଥିବା କାଗଜ ଖଣ୍ଡର ପୁନଃ ଯାଞ୍ଚ କରି ନିର୍ବାଚନ ରେଜଲ୍ଟ ପ୍ରକାଶ କରିବା ପାଇଁ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କରିଛନ୍ତି।

ଖଣ୍ଡପୀଠ କହିଛନ୍ତି, ଏହା ଏକ ନିର୍ବାଚନ ପ୍ରକ୍ରିୟା। ଏଥିରେ ନିଶ୍ଚିତ ଭାବେ ଶୁଦ୍ଧତା ବା ପବିତ୍ରତା ରହିବା ଦରକାର। ଆଶା ଅନୁସାରେ କିଛି ହେଉ ନାହିଁ ବୋଲି କୌଣସି ଆଶଙ୍କା ଯେପରି ନ ରହିବ, ତା'କୁ ନିଶ୍ଚିତ କରାଯାଉ।

ଜଣେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଜାମ ପାଶା କହିଛନ୍ତି, ମତଦାନ କରିବା ପରେ ଜଣେ ଭୋଟରଙ୍କୁ ଭିଭିପ୍ୟାଟ ସ୍ଲିପ ନେବାକୁ ଅନୁମତି ଦିଆଯାଉ। ସେ ଏହାକୁ ବାଲାଟ ବକ୍ସରେ ଜମା କରନ୍ତୁ। ଏହା ଶୁଣି ଜଷ୍ଟିସ ଖାନ୍ନା ପ୍ରଶ୍ନ କରିଥିଲେ ଯେ ଏହି ପ୍ରକ୍ରିୟା କ'ଣ ଭୋଟରଙ୍କ ଗୋପନୀୟତାକୁ ପ୍ରଭାବିତ କରିବ ନାହିଁ? ଏହାର ଜବାବରେ ପାଶା କହିଛନ୍ତି, ଭୋଟର ଅଧିକାରକୁ ପରାସ୍ତ କରିବା ପାଇଁ ଭୋଟରଙ୍କ ଗୋପନୀୟତାକୁ ଆଳ କରାଯାଇ ପାରିବ ନାହିଁ।



ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ, ଭିଭିପ୍ୟାଟ ମେସିନର ଲାଇଟ ସବୁବେଳେ ଅନ ହୋଇ ରହିବା ଉଚିତ। ବର୍ତ୍ତମାନ ଏହା ମାତ୍ର ୭ ସେକେଣ୍ଡ ପାଇଁ ଅନ ରହୁଛି। ଯଦି ଏବେ ସେମାନେ ଗ୍ଲାସ ପରିବର୍ତ୍ତନ କରି ପାରିବେ ନାହିଁ, ତା'ହେଲେ ଲାଇଟକୁ ପୂରା ଅନ ରଖନ୍ତୁ। ଏପରି ହେଲେ ଜଣେ ଭୋଟର ତାଙ୍କ ସ୍ଲିପ୍ କଟିବା ସହ ଉପଯୁକ୍ତ ସ୍ଥାନରେ ପଡୁଛି ବୋଲି ଜାଣିପାରିବେ।ଏଥିରେ କୌଣସି ପ୍ରକାରର ଗୋପନୀୟତାରେ ବୁଝାମଣା ମଧ୍ୟ ହେବନାହିଁ।

ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗଡେ ଗଣତି ପ୍ରକ୍ରିୟାକୁ ଅଧିକ ଦାୟିତ୍ୱସଂପନ୍ନ କରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଅଡିଟ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଭୋଟିଂ ପ୍ରକ୍ରିୟା ଉପରେ ନିଜରସ୍ପଷ୍ଟୀକରଣ ଦେଇ ନିର୍ବାଚନ କମିଶନ କହିଛନ୍ତି, ଇଭିଏମର କଣ୍ଟ୍ରୋଲ ୟୁନିଟ ହିଁ ଭିଭିପ୍ୟାଟ ୟୁନିଟକୁ କମାଣ୍ଡ ଦେଇ ଏହାର ପେପର ସ୍ଲିପକୁ ପ୍ରିଣ୍ଟ କରିଥାଏ। ଏହି ସ୍ଲିପ ବନ୍ଦ ବକ୍ସରେ ପଡ଼ିବା ପୂର୍ବରୁ ୭ ସେକେଣ୍ଡ ପାଇଁ ଭୋଟରଙ୍କୁ ଦୃଶ୍ୟମାନ ହୋଇଥାଏ। ନିର୍ବାଚନ ପୂର୍ବରୁ ଇଞ୍ଜିନିୟରିଂଙ୍କ ଉପସ୍ଥିତିରେ ଇଭିଏମକୁ ଭଲ ଭାବେ ଯାଞ୍ଚ କରାଯାଇ ଥାଏ ବୋଲି କମିଶନ ଯୁକ୍ତି ରଖିଛନ୍ତି।

କ'ଣ ଭିଭିପ୍ୟାଟ୍ ପ୍ରିଣ୍ଟରରେ କିଛି ସଫ୍ଟୱେୟାର ରହିଛି କି ବୋଲି ଖଣ୍ଡପୀଠ ପଚାରିଥିବା ପ୍ରଶ୍ନରେ ନିର୍ବାଚନ କମିଶନ ନା କହିଛନ୍ତି। କମିଶନଙ୍କ ଓକିଲ କହିଛନ୍ତି, ପ୍ରତଟି ପ୍ୟାଟରେ ୪ଟି ମେଗାବାଇଟ ଫ୍ଲାଶ ମେମୋରୀ ରହିଛି। ଏହା ଦଳୀୟ ଚିହ୍ନକୁ ସଂରକ୍ଷିତ କରି ରଖେ। ରିଟର୍ଣ୍ଣିଂ ଅଫିସର ବୈଦ୍ୟୁତ ବାଲାଟ ପ୍ରସ୍ତୁତ କରନ୍ତି। ଏହାକୁ ଦଳୀୟ ଚିହ୍ନ ଲୋଡିଂ ୟୁନିଟ୍ରେ ଲୋଡ୍ କରାଯାଏ। ଏହା କ୍ରମିକ ସଂଖ୍ୟା, ପ୍ରାର୍ଥୀଙ୍କ ନାଁ ଓ ଚିହ୍ନ ସାମ୍ନାକୁ ଆଣିଥାଏ। କିଛି ବି ଆଗକୁ ଲୋଡ କରାଯାଏ ନାହିଁ। ଏହା ତଥ୍ୟ ନୁହେଁ, ଛବି ଫର୍ମାଟ। ମତଦାନ ପାଇଁ କେତୋଟି ଚିହ୍ନ ଲୋଡିଂ ୟୁନିଟ ତିଆରି କରାଯାଏ ପ୍ରଶ୍ନରେ ଜଣେ ନିର୍ବାଚନ ଅଧିକାରୀ କହିଛନ୍ତି, ସାଧାଣତଃ ଗୋଟିଏ ନିର୍ବାଚନ ମଣ୍ଡଳୀରେ ଗୋଟିଏ ୟୁନିଟ ରୁହେ। ନିର୍ବାଚନ ଶେଷ ହେବା ଯାଏ ଏହା ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ରହିଥାଏ।

କ'ଣ ଟ୍ୟାମ୍ପରିଂକୁ ରୋକିବା ପାଇଁ ୟୁନିଟ ସିଲ୍ଡ କରିବାକୁ ପଡ଼େ ପ୍ରଶ୍ନରେ ନିର୍ବାଚନ କମିଶନ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସେମିତି କିଛି ପ୍ରକ୍ରିୟା ନାହିଁ।

ନିର୍ବାଚନ କମିଶନ ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ସମସ୍ତ ଭୋଟିଂ ମେସିନ ମକ୍ ପୋଲ୍ ଦ୍ୱାରା ପାସ୍ ହୋଇଥାଏ। ପ୍ରାର୍ଥୀମାନଙ୍କୁ ସେମାନଙ୍କ ଇଚ୍ଛାରେ ୫% ମେସିନକୁ ବାଛିବାକୁ କୁହାଯାଏ। ଏହି ପ୍ରକ୍ରିୟା ମତଦାନ ଦିନ ମଧ୍ୟ ଆପଣା ଯାଏ। ଭିଭିପ୍ୟାଟ ସ୍ଲିପ୍ ବାହାର କରାଯାଏ, ଗଣିତ ହୁଏ ଓ ଏହାକୁ ଇଭିଏମ ଭୋଟ ସହ ମିଶାଯାଏ। ସବୁ ମେସିନରେ ଭିନ୍ନଭିନ୍ନ ପ୍ରକାରର ପେପର ସିଲ୍ସ ରହିଛି। ଯେତେବେଳେ ଗଣତି ପାଇଁ ମେସିନ ଆସେ ସେତେବେଳେ କ୍ରମିକ ସଂଖ୍ୟାରକୁ ଯାଞ୍ଚ କରଯାଏ।

ଜଣେ ଭୋଟର କେମିତି ତାଙ୍କର ମତଦାନ ଠିକ ଭାବେ ହୋଇଛି କି ନାହିଁ ଜାଣିବେ? ଏହାର ଉତ୍ତରରେ କମିଶନ କହିଛନ୍ତି, ନିର୍ବାଚନ କମିଶନ ଏହାର ଡେମୋ ଦେଖାଇଛନ୍ତି ଓ ବିଭିନ୍ନ ପ୍ରକାରର ସଚେତନା କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ଭୋଟିଂ ମେସିନ ଫାର୍ମ ବକ୍ସରରେ ପରିଚାଳିତ ଓ ଏହାର ପ୍ରୋଗ୍ରାମକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ମେସିନ ଗୁଡ଼ିକ ଷ୍ଟ୍ରଙ୍ଗରୁମରେ ରୁହେ। ପ୍ରାର୍ଥୀଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମରେ ତାଲା ପଡ଼େ ଓ ପ୍ରାର୍ଥୀଙ୍କ ଉପସ୍ଥିତିରେ ଏହାର ଚାବି ଖୋଲାଯାଏ।

କୋର୍ଟ ପୁଣି ପ୍ରଶ୍ନ କରିଥିଲେ ଯେ ଭୋଟିଂ ପରେ ଜଣେ ଭୋଟର ସ୍ଲିପ ନେଇ ପାରିବେ କି? ଏହା ଭୋଟର ଗୁପ୍ତତାକୁ କ୍ଷତି ପହଞ୍ଚାଇବ ଓ ବୁଥ ବାହାରେ ଏହାର ଅପବ୍ୟବହାର ମଧ୍ୟ ହୋଇପାରେ ବୋଲି ନିର୍ବାଚନ କମିଶନ କହିଛନ୍ତି।

ସୁପ୍ରିମକୋର୍ଟ ସବୁ ଶୁଣିବା ପରେ କହିଛନ୍ତି, ଗୋଟିଏ ବିଶ୍ୱାସର ପ୍ରସଙ୍ଗ ଏଠାରେ ରହିଛି। ଆପଣ ଆମକୁ ଯାହା କହୁଛନ୍ତି ଓ ପବ୍ଲିକ ଡୋମେନ୍ରେ ଯାହା ଅଛି, ସେଥିରେ ପାର୍ଥକ୍ୟ ଦେଖାଯାଉଛି। ଏହା ମଧ୍ୟରେ ସମନ୍ୱୟ ରହିବା ଦରକାର। ଏହାର ଜବାବରେ ନିର୍ବାଚନ କମିଶନର କହିଛନ୍ତି, ଆମର କିଛି ବି ଲୁଚାଇବାର ନାହିଁ। ଇଭିଏମ୍ ସହ ଭିଭିପ୍ୟାଟ୍ ବ୍ୟବହାର କରି ଦିଆଯାଇଥିବା ଭୋଟର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ବ୍ରିଟେନ୍ (ୟୁରୋପରେ) ଏବଂ ଆମେରିକାରେ ଇଭିଏମ ବନ୍ଦ ହୋଇଥିବା ଭାରତରେ କାହିଁକି ଚାଲୁଛି ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ଏହାର ଜବାବରେ ନିର୍ବାଚନ କମିସନ ଆମେରିକା-ବ୍ରିଟେନର ଇଭିଏମ୍ ଏବଂ ଭାରତରେ ବ୍ୟବହୃତ ଇଭିଏମ ମଧ୍ୟରେ ପାର୍ଥକ୍ୟ କ'ଣ ତାହା ବୁଝାଇଥିଲେ।

କମିସନଙ୍କ ଓକିଲ କହିଛନ୍ତି ଯେ, ବିଦେଶୀ ଇଭିଏମ୍ ଗୁଡ଼ିକ ନେଟୱାର୍କ ସହ ସଂଯୁକ୍ତ ହୋଇଥିବାରୁ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ଭାରତର ଇଭିଏମ୍ ଗୁଡ଼ିକ ଏକକ ମେସିନ୍। ଏହା କୌଣସି ନେଟୱାର୍କ୍ ସହ ସଂଯୁକ୍ତ ନାହିଁ।ବିଦେଶରେ ଇଭିଏମ୍ ଘରୋଇ କମ୍ପାନି ତିଆରି କରୁଥିବା ବେଳେ ଭାରତରେ ଏହା ଏକ ରାଷ୍ଟ୍ରାୟତ୍ତ କମ୍ପାନି ତିଆରି କରୁଛି। ବାହାରେ ଇଭିଏମରେ ଭୋଟ ଦିଆଗଲା କି ନାହିଁ ତାହା ନିଶ୍ଚିତ କରିବାର ବ୍ୟବସ୍ଥା ନଥିଲା, କିନ୍ତୁ ଭାରତରେ ଏହା ଭିଭିପାଟ ମାଧ୍ୟମରେ ନିଶ୍ଚିତ ହୋଇଥାଏ। ଏସବୁ କାରଣରୁ ସେଠାକାର ଇଭିଏମ ଓ ଆମ ଇଭିଏମ ମଧ୍ୟରେ ଅନେକ ଫରକ ରହିଛି ବୋଲି କମିସନ ବୁଝାଇଦେଇଛନ୍ତି।

# ଖରସ୍ରୋତାରେ ପୁଣି ଅଘଟଣ

## ଗାଧୋଇବା ବେଳେ ଦୁଇ ଭାଇ ନିଖୋଜ, ଉଦ୍ଧାର କାର୍ଯ୍ୟ ଜାରି

ବ୍ୟାସନଗର, ୧୮।୪(**ମହାଭାରତ**): ଯାଜପୁର ଜିଲ୍ଲା ଯାଜପୁରରୋଡ ଥାନା ଅନ୍ତର୍ଗତ ଜୋକଡିଆ ଖରସ୍ରୋତା ନଦୀରେ ପୁଣି ଅଘଟଣ ଘଟିଛି। ଏଠାରେ ଗାଧୋଇବା ସମୟରେ ଦୁଇ ଭାଇ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ଦ୍ୱୟ ହେଲେ ଶାଶ୍ୱତ ରଂଜନ ସ୍ୱାଇଁ (୨୪) ଓ ସ୍ୱସ୍ତିକ ରଂଜନ ସ୍ୱାଇଁ (୨୧)। ପ୍ରାୟ ୫ ଘଣ୍ଟା ପରେ ମଧ୍ୟ ସେମାନଙ୍କୁ ଠାବ କରାଯାଇପାରି ନାହିଁ





ସୂଚନା ଅନୁସାରେ ଯାଜପୁରରୋଡ ଥାନା ଅନ୍ତର୍ଗତ ଫେରୋକ୍ରମ୍ ଗେଟ୍ ନିକଟସ୍ଥ ଶିବାନନ୍ଦ ନଗର କଲୋନିର ଶେଖର ଚନ୍ଦ୍ର ସ୍ୱାଇଁଙ୍କ ବଡ଼ପୁଅ ଶାଶ୍ୱତ ଓ ସାନପୁଅ ସ୍ୱସ୍ତିକ ଆଜି ପୂର୍ବାହ୍ନ ୧୧ଟାରେ ବାଇକରେ ଜୋକଡିଆ। ଖରେସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀକୂଳରେ ବାଇକ୍ ରଖି ଦେଇ ଦୁଇଭାଇ ଜୋକଡିଆ ଇନ୍ଦିରାଗାଡ଼ିଆ ଘାଟରେ ଗାଧୋଉଥିଲେ। ଘଟଣାସ୍ଥଳରେ ଏକ ଜଳଭଉରୀ ରହିଛି। କିନ୍ତୁ ଶ୍ୱାଶ୍ୱତ ଓ ସ୍ୱସ୍ତିକ ଏହା ଜାଣି ପାରି ନଥିଲେ। ଫଳରେ ସେମାନେ ପାଣିରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଯାଜପୁରରୋଡ ଥାନାକୁ ସୂଚନା ଦେଇଥିଲେ। ପୁଲିସ ଠାରୁ ଖବର ପାଇଁ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ରିପୋର୍ଟ ଲେଖାଯିବା ବେଳକୁ ଦୁଇଭାଇଙ୍କର କେଣସି ଖବର ମିଳିପାରି ନାହିଁ।

ସୂଚନାଯୋଗ୍ୟ, ବିଗତ ୩ ମାସ ମଧ୍ୟରେ ଏଭଳି ଅନେକ ଅଘଟଣ ଘଟି ସାରିଛି। ଗତ ୪ ତାରିଖ ଦିନ ଏହି ସ୍ଥାନରେ ମଧ୍ୟ ଅଘଟଣ ଘଟିଥିଲା। ଜଣେ ୧୮ ବର୍ଷ ବୟସର ଯୁବକ ପାଣିରେ ବୁଡ଼ି ଯାଇଥିଲେ। ପ୍ରଶାସନର ଅବହେଳା ଯୋଗୁଁ ଏହି ସ୍ଥାନରେ ବାରମ୍ବାର ଅଘଟଣ ଘଟୁଛି। ପ୍ରଶାସନ ପକ୍ଷରୁ ସତର୍କତାମୂଳକ ସୂଚନା ଦିଆଯାଇନାହିଁ। ତେଣୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି।

# ଶଙ୍ଖ ଧରିଲେ ବର୍ଷା ପ୍ରିୟଦର୍ଶିନୀ

ଭୁବନେଶ୍ୱର, ୧୮।୪(**ମହାଭାରତ**: ବିଜେଡିରେ ମିଶିଲେ ଓଲିଉଡ୍ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର।



ସସ୍ମିତ ପାତ୍ର କହିଥିଲେ, ଆଜି ଏକ ଖୁସିର ଦିନ। ବର୍ଷା ଓଡ଼ିଆ। ଫିଲ୍ମ ଇଣ୍ଡଷ୍ଟିର ତାରକା, ଲେଖିକା, ସମାଜସେବୀ, ନାରୀ ସଶକ୍ତିକରଣ କ୍ଷେତ୍ରରେ ବି ତାଙ୍କ ଯୋଗଦାନ ଉଲ୍ଲେଖନୀୟ। ନିମକି ଫିଲ୍ମରେ ବର୍ଷା ଯେପରି ନବୀନ ବାବୁ ଓ ବିଜୁ ବାବୁଙ୍କ ନେତୃତ୍ୱ ପାଇଁ ଏକ ପ୍ରେରଣା। ଋତୁସ୍ରାବ ନେଇ ଝିଅ ମାନଙ୍କ ଜୀବନ ସୁଧାରିବା, ଭିନ୍ନକ୍ଷମଙ୍କ ସେବା, ମହାମାରୀ ସମୟରେ ମହିଳା ମାନଙ୍କ ଜୀବନ ଜୀବିକା ସୁଦୃଢ଼ କରିଛନ୍ତି। ତେଣୁ ବିଜେଡି ଦଳୀୟ କାର୍ଯ୍ୟକ୍ରମ ଓ କାମ କରିଛନ୍ତି, ତାହା ଉଲ୍ଲେଖନୀୟ। ବର୍ଷା ପ୍ରିୟଦର୍ଶିନୀ କହିଥିଲେ, ମୁଁ ନବୀନ ପଟ୍ଟନାୟକଙ୍କ ଫ୍ୟାନ। ଯେବେ ବି ପ୍ରଚାର ପାଇଁ ଯାଇଛି କି ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ନିମକି ଫିଲ କରିଥିଲି ତାଙ୍କ ବ୍ୟକ୍ତିତ୍ୱ ମୋତେ ଅନୁପ୍ରାଣିତ କରିଛି। ସେ ବହୁତ ସରଳୟ କମ କଥା, କାର୍ଯ୍ୟ ତାଙ୍କର କଥା କୁହେ। ସେ ଅପ୍ରତିଦ୍ୱନ୍ଦ୍ୱୀ, କାହା ବିରୋଧରେ କିଛି କୁହନ୍ତି ନାହିଁ। ସ୍ୱଚ୍ଛ ଓ ହୃଦୟବାନ ମଣିଷ ହେଉଛନ୍ତି ନବୀନ ପଟ୍ଟନାୟକ।

# ଲଢ଼ିବେନି ପ୍ରସାଦ, ମନୋଜ ରଥ ସତ୍ୟବାଦୀରୁ କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର, ୧୮।୪(**ମହାଭାରତ**): ଆଉ ୪ଟି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ। ମାହାଙ୍ଗାରୁ ଦଳ ଦେବେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ସତ୍ୟବାଦୀରୁ ମନୋଜ ରଥ, ଭୁବନେଶ୍ୱର-ମଧ୍ୟରୁ ପ୍ରକାଶ ଜେନା ଓ ଭୁବନେଶ୍ୱର-ଉତ୍ତରରୁ ଅଶୋକ ଦାସଙ୍କୁ କରିଛି ପ୍ରାର୍ଥୀ।



ସତ୍ୟବାଦୀ ଆସନରୁ ପ୍ରସାଦ ହରିଚନ୍ଦନ କଂଗ୍ରେସ ଟିକେଟରେ ୧୯୯୫, ୨୦୦୦ ଓ ୨୦୦୯ରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। କିନ୍ତୁ ୨୦୧୪ ଓ ୨୦୧୯ରେ ସେ ପରାଜିତ ହୋଇଥିଲେ। ୨୦୧୪ରେ ପ୍ରସାଦ ୨୫ ହଜାର ୯୦୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୯ରେ ଆହୁରି ହ୍ରାସ ପାଇଥିଲା ତାଙ୍କ ଭୋଟ୍ ହାର। ସେ ମାତ୍ର ୧୧, ୨୭୩ ଖଣ୍ଡ ଭୋଟ୍ ପାଇଥିଲେ।

ଏଥର ନିର୍ବାଚନ ଲଢ଼ିବେନି ବୋଲି ବହୁ ପୂର୍ବରୁ କହି ସାରିଥିଲେ ପ୍ରସାଦ ହରିଚନ୍ଦନ। ଆଜି ଦଳ ମନୋଜ ରଥଙ୍କ ନାଁ ଘୋଷଣା କରିବା ପରେ ସେ ସେହି କଥାକୁ ପୁନରାବୃତ୍ତି କରିଛନ୍ତି।

ପ୍ରସାଦ କହିଛନ୍ତି, ମୁଁ ଆଗରୁ ହିଁ ନିର୍ବାଚନ ଲଢ଼ିବିନାହିଁ ବୋଲି ଘୋଷଣା କରିସାରିଛି। ମନୋଜ ମିଶ୍ର ଜଣ ଦକ୍ଷ ନେତା। ସତ୍ୟବାଦୀରେ କଂଗ୍ରେସ ଆଗରୁ ଭଲ ପ୍ରଦର୍ଶନ କରୁଥିଲା। ଏବେ କଂଗ୍ରେସ ଗ୍ୟାରେଣ୍ଟି ନେଇ ଆମେ ଲୋକଙ୍କ ପାଖକୁ ଯିବୁ। ଚଳିତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ଅଛି।

ମନୋଜ ରଥ କହିଛନ୍ତି, ୨୦/୨୫ ବର୍ଷ ହେଲା ସମାଜସେବା କ୍ଷେତ୍ରରେ ଅଛି। ସାଧାରଣ ଲୋକଙ୍କ ସହିତ ଅଛି। ସେମାନଙ୍କ ଦୁଃଖ, କଷ୍ଟ ବିଷୟରେ ଅବଗତ ଅଛି। ଏବେ କଂଗ୍ରେସରୁ ସତ୍ୟବାଦୀରୁ ପ୍ରାର୍ଥୀ ହୋଇଛି। ତେଣୁ ପୁଣି ଥରେ ଲୋକଙ୍କ ପାଖକୁ ଯିବି। ସେମାନଙ୍କ ସମସ୍ୟା ଶୁଣିବି। ସେମାନଙ୍କ ସ୍ୱରକୁ କିପରି ବିଧାନସଭାରେ ଉଠାଯିବ, ସେ ନେଇ ସେମାନଙ୍କ ସହଯୋଗ କାମନା କରିବି। ବିଜେପି ପୁଣି ଥରେ ଓମ୍ ପ୍ରକାଶ ମିଶ୍ରଙ୍କୁ ଏଠାରୁ ପ୍ରାର୍ଥୀ କରିଥିବା ବେଳେ ବିଜେଡି ସଞ୍ଜୟ ଦାସବର୍ମାଙ୍କୁ ପ୍ରାର୍ଥୀ କରିଛିୟ ସତ୍ୟବାଦୀରୁ ଏବେ ବିଧାୟକ ଥିବା ଉମାକାନ୍ତ ସାମନ୍ତରାୟଙ୍କୁ ବିଜେଡି ବ୍ରହ୍ମଗିରିରୁ ପ୍ରାର୍ଥୀ କରିଛି।

# ରାଜଧାନୀ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୧୮।୪(ମହାଭାରତ):** ରାଜ୍ୟରେ ଆଜି ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଭୁବନେଶ୍ୱର ପାଲଟିଛି ସବୁଠୁ ଉତ୍ତପ୍ତ ସହର ଏଠାରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା ଏପ୍ରିଲ ୫ ତାରିଖରେ ଭୁବନେଶ୍ୱରର ସର୍ବୋଚ୍ଚ ଦିନ ତାପମାତ୍ରା ୪୩.୫ ଡିଗ୍ରୀ ରହିଥିଲା

ତତଲା କଡେଇରେ ଭାଜି ହେଉଛି ସାରା ରାଜ୍ୟ। ମୁଣ୍ଡ ଫଟା ଖରା ସହ ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ରାଜ୍ୟବାସୀ। ଏହି କ୍ରମରେ ଗୁରୁବାର ରାଜ୍ୟର ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଭୁବନେଶ୍ୱର ପାଲଟିଛି ସବୁଠୁ ଉତପ୍ତ ସହର। ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ତଳକୁ ରହିଛି ବୌଦ୍ଧ। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ପଛକୁ ୪୩.୩ ଡିଗ୍ରୀ ସହ ରହିଛି ଅନୁଗୁଳ। ସେହିପରି ବାଲେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୪୧.୨, କଟକରେ ୪୧.୪, ବାରିପଦାରେ ୪୨.୬, ଝାରସୁଗୁଡ଼ାରେ ୪୨.୮, କେନ୍ଦୁଝରଗଡ଼ରେ ୪୦.୯, ସମ୍ବଲପୁରରେ ୪୨.୨, ସୁନ୍ଦରଗଡ଼ରେ ୪୧.୪, ହୀରାକୁଦରେ ୪୧.୬, ତାଳଚେରରେ ୪୨.୨, ଭବାନୀପାଟଣାରେ ୪୨, ଫୁଲବାଣୀରେ ୪୦.୪, ଟିଟିଲାଗଡ଼ରେ ୪୨.୫, ମାଲକାନଗିରିରେ ୪୨.୫, ସୋନପୁରରେ ୪୦.୭, ନୟାଗଡ଼ରେ ୪୨, ଛତ୍ରପୁରରେ ୪୦.୮, ପାରଳାଖେମୁଣ୍ଡିରେ ୪୧.୮, ଭଦ୍ରକରେ ୪୧, ଯାଜପୁରରେ ୪୧.୮, ଢେଙ୍କାନାଳରେ ୪୨, ବରଗଡ଼ରେ ୪୧.୨, ନୂଆପଡ଼ାରେ ୪୨.୨, ନବରଙ୍ଗପୁରରେ ୪୧, ଖୋର୍ଦ୍ଧାରେ ୪୨.୫, ଜଗତସିଂହପୁରରେ ୪୨.୩, କେନ୍ଦ୍ରାପଡ଼ାରେ ୪୧.୪ ଓ ରାଉରକେଲାରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି।

# ଛତିଶଗଡ ସୀମା ସିଲ, ହାଇ ଆଲର୍ଟ ଜାରି କଲା ମାଲକାନଗିରି ପୁଲିସ

ମାଲକାନଗିରି, ୧୮।୪(**ମହାଭାରତ**): ସୀମାନ୍ତ ଛତିଶଗଡ଼ରେ ଲୋକସଭା ନିର୍ବାଚନ-୨୦୨୪ ପାଇଁ ଆସନ୍ତାକାଲି (ଏପ୍ରିଲ ୧୯)ରେ ମତଦାନ ହେବ। ଏହାକୁ ଆଖି ଆଗରେ ରଖି ପୁଲିସ, ବିଏସଏଫ, ସିଆରପିଏଫ ଏବଂ ଛତିଶଗଡ଼ର ସମସ୍ତ ସୁରକ୍ଷାକର୍ମୀ ଆଲର୍ଟ ହୋଇଯାଇଛନ୍ତି। ନକ୍ସଲଙ୍କ ଗତିବିଧି ଉପରେ ମାଲକାନଗିରି ପୁଲିସ ସମେତ ଛତିଶଗଡ଼ ପୁଲିସ ନଜର ରଖିଛିୟ କୌଣସି ଅଘଟଣକୁ ଏଡାଇବାକୁ ଗୁଇନ୍ଦା ବିଭାଗକୁ ସତର୍କ କରିଦିଆଯାଇଛି।



ଛତିଶଗଡ ନିବ;ାଚନର ଦୁଇ ସପ୍ତାହ ପରେ ମାଲକାନଗିରିରେ ର୍ନିବାଚନ ହେବାକୁ ଥିବା ବେଳେ ନକ୍ସଲ ଓଡ଼ିଶା ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ମାଲକାନଗିରି ପୁଲିସ ଏବଂ ବିଏସ୍ଏଫ ତରଫରୁ ଅପରେସନକୁ ଜୋରଦାର କରାଯାଉଛି। ସୀମାକୁ ସିଲ କରିଦିଆଯାଇଥିବା ବେଳେ ହାଇ ଆଲର୍ଟ ଜାରି କରାଯାଇଛି। ମାଲକାନଗିରି ଏସପି ନିତିଶ ବାଧୱାନୀଙ୍କ କହିବା ଅନୁଯାୟୀ ଜିଲ୍ଲାର ୧୬ଟି ସ୍ଥାନରେ ଅପରେସନ ଚାଲିଛି। ୪ଟି ଟିମକୁ ଷ୍ଟାଣ୍ଡବାୟ ରଖାଯାଇଛି। କୌଣସି ମୁହୂର୍ତ୍ତରେ ଦରକାର ପଡିଲେ ଏହି ଟିମ ଘଟଣାସ୍ଥଳକୁ ଯିବେୟ ଜିଲ୍ଲାର ଚାରୋଟି ଯିବା ଆସିବା ସୀମା ପଥରେ ୨୪ ଘଣ୍ଟା ପୁଲିସ ପଇଁତରା ମାରୁଛି। ଅଜଣା ବ୍ୟକ୍ତିଙ୍କୁ ଧରି ପଚରାଉଚରା କରୁଛି। ସମସ୍ତ ଯାନବାହାନକୁ ଯାଞ୍ଚ କରାଯାଉଛି। ସୀମାରେ ହାଇଟେକ ଡ୍ରୋନ ବୁଲୁଛି। ନକ୍ସଲଙ୍କ ଗତିବିଧି ସଂପର୍କରେ ସମସ୍ତ ସୂଚନା ପାଇବା ପରେ ପୁଲିସ ଚଢାଉ କରିବ ବୋଲି କୁହାଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଛତିଶଗଡ ସରକାର ଏବଂ ପ୍ରଶାସନ ଦିନରାତି ଏକ କରିଦେଇଛନ୍ତି। ଗତ ଦୁଇ ଦିନ ତଳେ ଏନକାଉଣ୍ଟର କରି ନକ୍ସଲଙ୍କୁ ବେକଫୁଟକୁ ପୁଲିସ ଠେଲିଛି। ନକ୍ସଲ ଏବେ ଘାଇଲା ବାଘ ଭଳି ରହିଛନ୍ତି। କିନ୍ତୁ ସୁଯୋଗ ପାଇଲେ ଆକ୍ରମଣ କରିବା ଆଶଙ୍କା ରହିଛି। ତେଣୁ ପୁଲିସ ସଜାଗ ରହିବା ସହ ଲୋକଙ୍କୁ ସହଯୋଗ କରିବାକୁ କହିଛି। ମାଲକାନଗିରିକୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଛତିଶଗଡ଼ ସୀମା ଲାଗିଥିବାରୁ ପୁଲିସ ଜଗିବା ମୁସକିଲ ହେଲେ ମଧ୍ୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଛି। ଜିଲ୍ଲାରେ ନକ୍ସଲ ପଶିବା ଅସମ୍ଭବ ବୋଲି ପୁଲିସ କହିଛି। ପୁଲିସ ଇନଫର୍ମରମାନେ ଗାଁ ଗାଁରେ ଆଲର୍ଟ ରହିଥିବା କୁହାଯାଇଛି ନକ୍ସଲଙ୍କ ଗତିବିଧି ସଂପର୍କରେ ଖବର ମିଳୁ ମିଳୁ ଚଢାଉ ହେବ। ତେଣୁ ଏସପି ଶ୍ରୀ ବାଧୱାନୀ ନିଜେ କଣ୍ଟ୍ରୋଲ ରୁମରେ ବସି ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ତୀକ୍ଷଣ ନଜର ରଖିଛନ୍ତି।

# ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ସଚ୍ଚି ଦାସଙ୍କ ପରଲୋକ

ଯାଜପୁର, ୧୮।୪(**ମହାଭାରତ**): : ଓଡ଼ିଆ। ଚଳଚ୍ଚିତ୍ର, ଧାରାବାହିକ ଜଗତର ପ୍ରଖ୍ୟାତ ଅଭିନେତା ଓ ଯାତ୍ରା ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ଡ଼ଃ ସଚ୍ଚି ଦାସଙ୍କର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଦେହାନ୍ତ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା।



ଏହି ଖବର ଜଣା ପଡିବା ପରେ ତାଙ୍କ ଜନ୍ମସ୍ଥାନ ବରୀ ସହିତ ସମଗ୍ର ରାଜ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶେଷ କରି ରାଜ୍ୟର ସମସ୍ତ କଳାକାର ଓ ଅଗଣିତ ଦର୍ଶକଙ୍କୁ ଏହି ଖବର ବ୍ୟଥିତ କରିଛି। ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ପିଲା ବେଳୁ କଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା। ବୟସ ବଢ଼ିବା ସହିତ ସେ କଳାଜଗତରେ ନିଜକୁ ବେଶ୍ ପ୍ରତିଷ୍ଠିତ କରିଥିଲେ।ରାଜ୍ୟର କଳାକାରଙ୍କ ମଧ୍ୟରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା। ସେ ଅନେକ ଚଳଚ୍ଚିତ୍ର, ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ। ବିଶେଷ କରି ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶ ଭାବେ ସେ ବେଶ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟ ହୋଇ ପ୍ରଶଂସା ସାଉଁଟିଥିଲା ବେଳେ ତାଙ୍କ ନିର୍ଦ୍ଦେଶନାରେ ଶାଗୁଣା ବସିଛି ଡେଣା ମେଲାଇ ନାଟକ ବେଶ ସଫଳ ଓ ଲୋକପ୍ରିୟ ହୋଇଥିଲା।

# ଭିଆରଏସ୍ ନେଲେ ଆଇପିଏସ୍ ସଂଜୟ ସିଂହ

ଭୁବନେଶ୍ୱର, ୧୮।୪(**ମହାଭାରତ**): ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସଂଜୟ ସିଂହ ସ୍ୱେଚ୍ଛାକୃତ ଅବସର ବା ଭିଆରଏସ୍ ନେଇଛନ୍ତି। ୧୯୯୬ ବ୍ୟାଚ୍ ଆଇପିଏସ୍ ସଂଜୟ ସିଂହଙ୍କୁ ଭିଆରଏସ୍ ପାଇଁ ଅନୁମତି ମିଳିଛି। ସଂଜୟଙ୍କ ଆବେଦନକୁ ରାଜ୍ୟ ଗୃହ ବିଭାଗ ମଂଜୁର କରିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସଂଜୟ ସିଂହ ବର୍ତମାନ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଡେପୁଟି ଡିଜି ଅଛନ୍ତି। ସଞ୍ଜୀୟ ସିଂହ ଓଡ଼ିଶା ପୁଲିସ୍ରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ତା ସହିତ ସେ ସିବିଆଇରେ ମଧ୍ୟ ଥିଲେ। ସେ ସିବିଆଇରେ ଡିଆଇଜି ରାଙ୍କରେ ଥିଲେ ଓ ଅନେକ ହାଇପ୍ରୋଫାଇଲ କେସ୍ର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ୨୦୨୧ରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ ଓ ତାଙ୍କୁ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋରେ ଡେପୁଟି ଡାଇରେକ୍ଟର ଜେନେରାଲ ବା ଡିଡିଜି ପଦରେ ନିଯୁକ୍ତି ଦିଆଯାଇଥିଲା।

# ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୮।୪(ମହାଭାରତ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ୪ଟି ଲୋକସଭା ଓ ୨୮ଟି ବିଧାନସଭାରେ ହେବାକୁ ଥିବା ନିର୍ବାଚନରେ ମୋଟ ୬୨ଲକ୍ଷ ୮୪ହଜାର ୬୪୯ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ମାତ୍ର ଏଥିରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ୯୧,୫୨୮ ଅଧିକ ରହିଛି। ସୁରକ୍ଷା ଦୃଷ୍ଟିରୁ କେତେକ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ସମୟକୁ ଅପରାହ୍ନ ୪ଟା ଓ ୫ଟା ପର୍ଯ୍ୟନ୍ତ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶିଶୁ ଓ ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ରାଲି ଓ ରୋଡ୍ ଶୋ ନକରିବା ପାଇଁ ପରାମର୍ଶ ଦିଆଯାଇଛି।ଆଜି ଏସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ସବୁ ରାଜନୀତିକ ଦଳଗୁଡ଼ିକର ସହଯୋଗ ଲୋଡ଼ାଯାଇଛି। ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା କଳାହାଣ୍ଡି, ବ୍ରହ୍ମପୁର, ନବରଙ୍ଗପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ସମସ୍ତ ୨୮ଟି ବିଧାନସଭାରେ ଆସନ୍ତା ମେ ୧୩ତାରିଖରେ ମତଦାନ ହେବ। ଏଥିପାଇଁ ଆଜିଠୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଏହା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଞ୍ଚ, ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଏହି ୪ଟି ଲୋକସଭା ଆସନରେ ମୋଟ ୭୨୮୯ ମତଦାନ କେନ୍ଦ୍ର ଖୋଲାଯାଇଛି। ମାର୍ଚ୍ଚ ୧୬ରୁ ଆଜିସୁଦ୍ଧା ଏହି ୪ ଲୋକସଭା ନିର୍ବାଚନମଣ୍ଡଳୀରୁ ୫୮୭ଟି ଅଭିଯୋଗ ଆସିଛି ଓ ୫୮୨ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩୦.୩୭କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି।କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରେ ମୋଟ ୧୭ଲକ୍ଷ ୨୧୯ଜଣ ଭୋଟର ଥିବାବେଳେ ସେଥିରେ ୧୮ରୁ ୨୯ବର୍ଷ ବୟସ ମଧ୍ୟରେ ୪,୩୫,୧୫୯ଜଣ ଭୋଟର ଅଛନ୍ତି। ସେହିପରି ନବରଙ୍ଗପୁର ଲୋକସଭା ମଣ୍ଡଳୀରେ ମୋଟ ୧୫ଲକ୍ଷ ୧୩ହଜାର ୭୫୬ଜଣ ଭୋଟର ଥିବାବେଳେ ୧୮ରୁ ୨୯ବର୍ଷ ବୟସ ମଧ୍ୟରେ ୪ଲକ୍ଷ ୩୭ହଜାର ୨୧୯ଜଣ ଅଛନ୍ତି।



ମହାଭାରତ
# ଜୀବନଚର୍ଯ୍ୟା





## ଦଲିଆ ଖେଚୁଡ଼ି

ଆବଶ୍ୟକ ସାମଗ୍ରୀ: ଦଲିଆ, ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ, କଟା ବିନ୍ସ, କଟାଗାଜର, ଫୁଲକୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନିବାଦାମ, ଗଜାମୁଗ, ଲୁଣ, ହଳଦୀ ଓ ରିଫାଇନ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦଲିଆରେ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ଏବେ ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଭୃର୍ସୁଙ୍ଗ ପତ୍ର, କଟା ପିଆଜ, କଟା ଟମାଟୋ ପକାଇ ଭାଜନ୍ତୁ । ଏସବୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଟା ବିନସ,ଛୋଟ ଛୋଟ ଖଣ୍ଡ ହୋଇଥିବା ଫୁଲ କୋବି, ମକା, ଗ୍ରୀନ ମଟର, ସିଝା ରାଜମା, ଚିନାବାଦାମ ଓ ଗଜାମୁଗ ପକାନ୍ତୁ । ଏହା ପରେ ହଳଦୀ ଗୁଣ୍ଡ, କଟା ଗାଜର ଓ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ । ୩ରୁ ୪ମିନିଟ ପରେ ପ୍ରସ୍ତୁତ ହୋଇଯିବ ଟେଷ୍ଟି ଆଣ୍ଡ ହେଲଦି 'ଦଲିଆ ଖେଚୁଡ଼ି' ।



### ଖବର

## ଗର୍ଭବତୀ ଥାଇ ବି ଆକ୍ସନ ସିନ୍ କରୁଛନ୍ତି ଦୀପିକା !



ବଲିଉଡର 'ମସ୍ତାନୀ' ଅର୍ଥାତ ଦୀପିକା ପାଦୁକୋନ ୨୦୨୪ ସେପ୍ଟେମ୍ବରରେ ମା' ହେବାକୁ ଯାଉଛନ୍ତି । ଏହି ମୁହୂର୍ତ୍ତକୁ ଅନୁଭବ କରିବାକୁ ଉଭୟ ଅଭିନେତା ରଣବୀର ସିଂ ଏବଂ ଦୀପିକା ବହୁତ ଉତ୍ସାହିତ ଅଛନ୍ତ। ଅଧିକାଂଶ ଅଭିନେତ୍ରୀ ଗର୍ଭାବସ୍ଥାରେ ସମ୍ପୂର୍ଣ୍ଣ ବିଶ୍ରାମ ନେବା ଉପରେ ଧ୍ୟାନ ଦେଉଥିବାବେଳେ ଅଭିନେତ୍ରୀ ଦୀପିକା ପାଦୁକୋନ ଗର୍ଭାବସ୍ଥାରେ ମଧ୍ୟ ନିରନ୍ତର କାର୍ଯ୍ୟ କରୁଛନ୍ତି। ନିକଟରେ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ମୁଭି 'ସିଂଘମ ଏଗେନ' ସେଟରୁ ଦୀପିକା ପାଦୁକୋନଙ୍କ କିଛି ଫଟୋ ଲିକ ହୋଇଛି ଯେଉଁଥିରେ ସେ ପୋଲିସ ପରି ପୋଷାକ ପିନ୍ଧିଥିବାର ନଜର ଆସିଛନ୍ତି ଏବଂ ଅଭିନେତ୍ରୀ ଜଣକ ନିଜ କେଶକୁ ବାନ୍ଧି ରଖିଛନ୍ତି । ଲୁକ୍‌କୁ କମ୍ପ୍ଲିଟ କରିବା ପାଇଁ ଦୀପିକା ମଧ୍ୟ ଚ ଷ ମ । ପିନ୍ଧିଛନ୍ତି ।ଫେବୃଆରୀରେ ତାଙ୍କ ଗର୍ଭବତୀ ହୋଇଥିବା ଖବର ଘୋଷଣା କରିବା ପରେ ପ୍ରଶଂସକମାନେ ଦୀପିକା ପାଦୁକୋନ କାମ କରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଦୀପିକା 'ସିଂଘମ ଏଗେନ'ରେ ଶକ୍ତି ଶେଟ୍ଟୀଙ୍କ ଭୂମିକାରେ ଅଭିନୟ କରିଛନ୍ତି, ଏହି ମୁଭିରେ ଅଜୟ ଦେବଗନ, ରଣବୀର ସିଂ, ଅକ୍ଷୟ କୁମାର ଏବଂ କରୀନା କପୁର ମଧ୍ୟ ଅଭିନୟ କରିଛନ୍ତି । ଏହାପୂର୍ବରୁ ଦୀପିକା ଏବଂ ରୋହିତ ଏକ ପୋଷ୍ଟର ଶେୟାର କରିଥିଲେ ଯେଉଁଥିରେ ଦୀପିକା ଶକ୍ତିଙ୍କ ଚରିତ୍ରରେ ଘୁରି ବୁଲୁଥିବାର ନଜର ଆସିଥିଲେ। ଏହି ମୁଭିରେ ଅର୍ଜୁନ କପୁର ଭିଲେନ ଭୂମିକାରେ ଅଭିନୟ କରିଛନ୍ତ।



## ତ୍ୱଚ୍ଚ ପାଇଁ ବାନାନା ଫେସ

କଦଳୀ କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ ବରଂ ଏହାର ଫେସ ପ୍ୟାକ ପ୍ରସ୍ତୁତ କରି ଲଗାଇବା ଦ୍ୱାରା ଆପଣଙ୍କ ତ୍ୱଚ୍ଚର ଚମକ ବୃଦ୍ଧି ପାଇଥାଏ। କଦଳୀକୁ ବ୍ୟବହାର କରି ଭିନ୍ନ ଭିନ୍ନ ପ୍ରକାର ଫେଓ ପ୍ୟାକ ପ୍ରସ୍ତୁତ କରିହେବ। ଜାଣନ୍ତୁ.

୧: କଦଳୀକୁ ଭଲ ଭାବେ ଚକଟି ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ରୁ ୨୦ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

୨: କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଲିଭ ଅଏଲ କିମ୍ବା ବାଦାମ ତେଲ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୦ ରୁ ୧୫ ମିନିଟ ରଖି ଧୋଇ ଦିଅନ୍ତୁ।

୩: କଦଳୀକୁ ଭଲ ଭାବେ ଚକଟି ୧ ଚାମଚ ମହୁ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାଇ ୧୫ ମିନିଟ ରଖନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ। ଏହା ମୁହଁର ଚମକ ବୃଦ୍ଧି କରିବା ସହ କୋମଳ କରିଥାଏ। ଶୁଷ୍କ ତ୍ୱଚ୍ଚ ପାଇଁ ଏହା ଖୁବ ଲାଭଦାୟକ।

୪- କଦଳୀକୁ ଭଲ ଭାବେ ଚକଟି ଏଥିରେ ସମାନ ମାତ୍ରାରେ ଖିର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ତ୍ୱଚ୍ଚ ପାଇଁ ଖୁବ ଲାଭଦାୟକ।

୫ - କଦଳୀକୁ ଭଲ ଭାବେ ଚକଟି ଏଥିରେ ଅଳ୍ପ ଅଟା ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ମଧ୍ୟ ତ୍ୱଚ୍ଚ ପାଇଁ ଖୁବ ଲାଭଦାୟକ।





## ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ



ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

## ମହର୍ଷି କପିଳ ଓ ପଞ୍ଚ ରତ୍ନ



ମହର୍ଷି କପିଳ ପ୍ରତିଦିନ ନିଜ ଆଶ୍ରମରୁ ଗଙ୍ଗା ସ୍ନାନ କରିବା ପାଇଁ ଯାଉଥିବା ମାର୍ଗରେ ଏକ ଛୋଟିଆ ଗାଁ ପଡିଥାଏ। ଯେଉଁଠାରେ କିଛି କୃଷକ ପରିବାର ରହୁଥିଲେ। ଯେଉଁ ମାର୍ଗରେ ମହର୍ଷି କପିଳ ସ୍ନାନ କରିବା ପାଇଁ ଯାଉଥିଲେ ସେହି ମାର୍ଗରେ ଜଣେ ବିଧବା ବ୍ରାହ୍ମଣୀର କୁଟିଆ ମଧ୍ୟ ପଡୁଥିଲା। ସେହି ମାର୍ଗରେ ଯିବା ସମୟରେ ସେହି ବିଧବା ବ୍ରାହ୍ମଣୀ ଜଣକ କେବେ ଚରଖା କାଟୁଥିଲେ ତ କେବେ ଧାନ କୁଟିଥିବାର ଦୃଶ୍ୟ। ଦିନେ ବିଚଳିତ ହୋଇ ମହର୍ଷି ଉକ୍ତ ବ୍ରାହ୍ମଣୀଙ୍କୁ ଏହାର କାରଣ ପଚାରିଥିଲେ। ପଚାରିବାରେ ଜଣାପଡିଥିଲା ଯେ, ବ୍ରାହ୍ମଣୀ ଘରେ ତାଙ୍କ ପତିଙ୍କ ବିନା ଆଉ କେହି ରୋଜଗାରିଆ ନଥିଲେ। ପତିଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ।

ବ୍ରାହ୍ମଣୀର ଏହି ଅବସ୍ଥା ଦେଖି କପିଳ ମୁନିଙ୍କର ଦୟା ଆସିଥିଲା ଏବଂ ସେ ବ୍ରାହ୍ମଣୀ ପାଖକୁ ଯାଇ ଦେବୀ! ମୋ ଏଇ ନିକଟରେ ଥିବା ଆଶ୍ରମର କୁଳପତି କପିଳ। ମୋର ଅନେକ ଶିଷ୍ୟ ରହିଛନ୍ତି ଯେଉଁମାନେ କି ରାଜପରିବାର। ଯଦି ତୁମେ ଚାହିଁବ ତେବେ ମୁଁ ତୁମ ରୋଜଗାରର ସ୍ଥାୟୀ ବ୍ୟବସ୍ଥା କରିପାରିବି। ତୁମର ଏହି ଅସହାୟ ଅବସ୍ଥା ମୁଁ ଦେଖି ପାରୁନାହିଁ।

ବ୍ରାହ୍ମଣୀ ହାତଯୋଡ଼ି ମହର୍ଷିଙ୍କ ପ୍ରତି ଆଭାରବ୍ୟକ୍ତ କରି କହିଥିଲା- ମୁନିବର, ଆପଣଙ୍କର ଏହି ଦୟାଳୁତା ମୁଁ ଆପରଣଙ୍କର କୃତଜ୍ଞ। କିନ୍ତୁ ଆପଣ ମୋତେ ଚିହ୍ନିବାରେ ଭୁଲ୍ କରିଛନ୍ତି। ନା ମୁଁ ଅସହାୟ ନା ନିର୍ଧନ। ଆପଣ ହୁଏତ ଦେଖିନାହାନ୍ତି। ମୋ ପାଖରେ ଏପରି ୫ଟି ରତ୍ନ ରହିଛି ଯେଉଁଥିରେ ମୁଁ ଚାହିଁଲେ ରାଣୀ ପରି ଜୀବନଯାପନ କରିପାରିବି। କିନ୍ତୁ ମୁଁ ଏପର୍ଯ୍ୟନ୍ତ ଏହାର ଆବଶ୍ୟକତା ଅନୁଭବ କରିନାହିଁ । ତେଣୁ ମୁଁ ପାଞ୍ଚ ରତ୍ନକୁ ମୋ ନିକଟରେ ସୁରକ୍ଷିତ ରଖିଛି। କପିଳ ମୁନି ବିଧବା ବ୍ରାହ୍ମଣୀଙ୍କର କଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିଲେ ଦେବୀ! ଯଦି ଆପଣ ଅନୁଚିତ ନ ଭାବିବେ ତେବେ ଆପଣଙ୍କର ପାଞ୍ଚ ଅମୂଲ୍ୟ ରତ୍ନ ମୋତେ ଦେଖାଇପାରିବେ ? ଆପଣଙ୍କ ପାଖରେ ଏପରି କ'ଣ ଅମୂଲ୍ୟ ରତ୍ନ ରହିଛି ତାହା ଦେଖିବାକୁ ଚାହୁଁଛି।

ବ୍ରାହ୍ମଣୀ ଆସନ ବିଛାଇ ମୁନିବରଙ୍କୁ ବସିବାକୁ କହିଲେ। ଏହାପରେ ସେ ମୁନିବରଙ୍କୁ ରତ୍ନ ଦେଖାଇବା ପାଇଁ କହି ଚରଖା କାଟିବାକୁ ଲାଗିଲେ। କିଛି ସମୟରେ ପରେ ବ୍ରାହ୍ମଣୀଙ୍କର ପାଞ୍ଚପୁତ୍ର ବିଦ୍ୟାଳୟରୁ ଫେରିଲେ। ସେମାନେ ଆସି ମହର୍ଷି ଏବଂ ମା'ଙ୍କ ପାଦ ଛୁଇଁ କହିଲେ ମା' ଆମେ ଆଜି ମଧ୍ୟ କାହାକୁ ମିଥ୍ୟା କହିନାହୁଁ। କାହାକୁ କଟୁ ବଚନ କହିନାହୁଁ, ଗୁରୁଦେବ ଯାହା ଶିକ୍ଷା ଦେଲେ ଏବଂ କହିଲେ ଏହାକୁ ପରିଶ୍ରମ ପୂର୍ବକ ପୂରା କଲୁ।

ମହର୍ଷି କପିଳଙ୍କୁ ଆଉ କୌଣସି ଉତ୍ତର ପାଇବା ପାଇଁ ଆବଶ୍ୟକ ପଡ଼ିଲା ନାହିଁ। ସେ ବ୍ରାହ୍ମଣୀଙ୍କୁ ପ୍ରଣାମ କରି କହିଥିଲେ ଦେବୀ! ବାସ୍ତବରେ ଆପଣଙ୍କ ପାଖରେ ଅତି ବହୁମୂଲ୍ୟ ରତ୍ନ ରହିଛି । ଏପରି ଅନୁଶାସିତ ପିଲା ଯେଉଁ ଘରେ ବା ଦେଶରେ ଥିବେ ଆଉ କୌଣସି ଚିନ୍ତା କରିବାକୁ ପଡ଼ିବ ନାହିଁ।

## କେଶର ଯତ୍ନ ; ମହୁ, ଲେମ୍ବୁରସ

ପ୍ରତ୍ୟେକଙ୍କୁ ଲମ୍ବା, ଘନ କେଶ ଖୁବ ପସନ୍ଦ। ମାତ୍ର ପ୍ରଦୂଷଣ, ଅପରିଷ୍କାର, ଖାଦ୍ୟପେୟ ଆଦି କାରଣରୁ କେଶ ଜନିତ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। କେଶ ପାଇଁ ଏକ ମୁଖ୍ୟ ସମସ୍ୟା ହେଉଛି ରୂପି। ଏଥିରେ ମୁକ୍ତି ପାଇବା ପାଇଁ ଲୋକେ ବଜାରରେ ମିଳୁଥିବା ବହୁ ଦ୍ରବ୍ୟର ବ୍ୟବହାର କରିଥାଆନ୍ତି । ମାତ୍ର ସହଜ ଘରୋଇ ଉପାୟରେ ଏହି ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ। ଜାଣନ୍ତୁ



ମହୁ ଓ ରସୁଣ -

୨ଚାମଚ ମହୁରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ କେଶ ମୂଳରେ ଲଗାନ୍ତୁ। ୧୫ ମିନିଟ ରଖିବା ପରେ ସାମ୍ପୁ କରି ଦିଅନ୍ତୁ। ଏହାକୁ ସପ୍ତାହକୁ ୨ ଥର ଲଗାନ୍ତୁ।

ରସୁଣ ପେଷ୍ଟ -

ରସୁଣ ପେଷ୍ଟ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହାପରେ ଏହାକୁ ଧୋଇ ଦିଅନ୍ତୁ। ଏହାମଧ୍ୟ କେଶ ପାଇଁ ଖୁବ ଉତମ ଅଟେ। ଏହାକୁ ସପ୍ତାହକୁ ଥରେ ନିଶ୍ଚୟ ଲଗାନ୍ତୁ।

ଘିକୁଆଁରୀ ଓ ରସୁଣ -

୨ ଚାମଚ ଘିକୁଆଁରୀ ରସରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ ଏହାକୁ କେଶର ମୂଳରେ ଲଗାନ୍ତୁ। ଏହାପରେ ଏହାକୁ ୧୫ ରୁ ୨୦ ମିନିଟ ରଖନ୍ତୁ। ନିର୍ଦ୍ଧାରିତ ସମୟ ପରେ କେଶକୁ ଧୋଇ ଦିଅନ୍ତୁ। ଏହା ରୂପିକୁ ସମ୍ପୂର୍ଣ୍ଣ ଦୂର କରିଥାଏ।

ସେଓର ସିରକା ଓ ରସୁଣ ରସ: ୧ ଚାମଚର ରସୁଣ ରସରେ ୨ ଚାମଚ ସେଓର ସିରକା ମିଶାଇ ଏହାକୁ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହା ପରେ ସାମ୍ପୁ କରି ଦିଅନ୍ତୁ। ଏହା ମଧ୍ୟ କେଶରୁ ରୂପି ଦୂର କରିଥାଏ।

ରସୁଣ ପେଷ୍ଟ ଓ ଲେମ୍ବୁ ରସ:

ରସୁଣ ପେଷ୍ଟ ଓ ଲେମ୍ବୁ ରସକୁ କେଶର ମୂଳରେ ଲଗାନ୍ତୁ। ଏହାକୁ ୧୫ ରୁ ୨୦ ମିନିଟ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ନିଶ୍ଚୟ ଲଗାନ୍ତୁ। ଏପରି କରିବା ଦ୍ୱାରା ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ବିଜୁ ପଟ୍ଟନାୟକ ଥିଲେ ଜଣେ ମହାନାୟକ

**ଭୁବନେଶ୍ୱର,୧୮।୪ (ମହାଭାରତ):** ପ୍ରବାଦପୁରୁଷ ବିଜୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ, ସ୍ପର୍ଦ୍ଧା ଓ ସମୃଦ୍ଧିର ପ୍ରତୀକ। ଓଡ଼ିଶା ବାହାରେ ଓଡ଼ିଶାର ଅନନ୍ୟ ପରିଚୟ। ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଭୂମିକା ଥିଲା ଅଗ୍ରଗଣ୍ୟ। ବିଜୁ ବାବୁ ଓଡ଼ିଶାର ରାଜନୀତି, ଅର୍ଥନୀତି, ସାଂସ୍କୃତିକ ଜାଗରଣ, ଚେତନା ଆନ୍ଦୋଳନକୁ ବହୁଭାବେ ପ୍ରଭାବିତ କରିଥିଲେ ବୋଲି ଅତିଥିମାନେ ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମତପ୍ରଦାନ କରିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଥିଲେ ଜଣେ ମହାନାୟକ। ସମୟ ଓ ଇତିହାସର ଗତିପଥକୁ ବଦଳେଇଦେବା ଭଳି ଚରିତ୍ର ସେ ଥିଲେ। କେବଳ ଭାରତ ନୁହେଁ, ଇଣ୍ଡୋନେସିଆ ଏବଂ ରଷିୟା, ସବୁଠାରୁ ତାଙ୍କର ବୀରତ୍ୱ ପାଇଁ ସେ ପ୍ରଶଂସିତ ହୋଇଥିଲେ। ତାଙ୍କର ସ୍ୱପ୍ନ, ସାହସ ଏବଂ ବୀରତ୍ୱ ଅତ୍ୟନ୍ତ ମର୍ମସ୍ପର୍ଶୀ। ମଧୁବାବୁ ଯେଭଳି ଉତ୍କଳ ନାମର ସର୍ବଦା ପ୍ରଚାରପ୍ରସାର କରୁଥିଲେ, ସେଭଳି ବିଜୁବାବୁ କଳିଙ୍ଗ ଶବ୍ଦକୁ ଅତ୍ୟନ୍ତ ଭାବପ୍ରବଣ ଭାବରେ



ବ୍ୟବହାର କରୁଥିଲେ। ସେଥିପାଇଁ ସେ କଳିଙ୍ଗ ନାମରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ରାଜ୍ୟ ପୁରସ୍କାରକୁ ନାମିତ କରି ରାଜ୍ୟର ଗରିମାମୟ ଇତିହାସର ପୁନର୍ଜାଗରଣ ପାଇଁ ପ୍ରୟାସ କରିଥିଲେ ବୋଲି ପ୍ରମୁଖ ଶାସନ ସଚିବ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ଅଭିରାମ ବିଶ୍ୱାଳ ବିଜୁବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, କୃତି ଓ କୀର୍ତି ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ ପାରାଦୀପ ବନ୍ଦର, ମହିଳା ସଶକ୍ତିକରଣ, ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା ଆଦି ତାଙ୍କର ଅନେକ ଅବଦାନ ମଧ୍ୟରୁ କେତେକ ଉଦାହରଣ ମାତ୍ର। ଶିଳ୍ପ ବିକାଶ ହେଉ ବା ଭିତିଭୂମି, ଗରିବ ଲୋକଙ୍କ କଲ୍ୟାଣ ହେଉ ବା ମା'ମାନଙ୍କ ସଶକ୍ତିକରଣ ସବୁକ୍ଷେତ୍ରରେ ସେ ଜଣେ ଦୂରଦ୍ରଷ୍ଟା ପରି କାମ କରିଯାଇଛନ୍ତି। କୃଷିରୁ ଶିଳ୍ପ, ଶିକ୍ଷାରୁ ସଶକ୍ତିକରଣ ସବୁକ୍ଷେତ୍ରରେ ତାଙ୍କର ବିପୁଳ ଅବଦାନ ରହିଛି ବୋଲି ଡ.ବିଶ୍ୱାଳ ପ୍ରକାଶ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଓଡ଼ିଆ ଜାତି ପାଇଁ, ରାଜ୍ୟ ତଥା ଦେଶ ପାଇଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ସବୁବେଳେ ନମସ୍ୟ ହୋଇ ରହିବେ। ବିଜୁବାବୁଙ୍କ ଦେହାବସାନ ପରେ ତାଙ୍କ ମୃତ ଶରୀରକୁ ତିନିଗୋଟି ରାଷ୍ଟ୍ରର ଜାତୀୟ ପତାକା ଦ୍ୱାରା ଆଚ୍ଛାଦିତ କରାଯାଇଥିଲା। ଅଦମ୍ୟସାହସୀ ବିଜୁ ପଟ୍ଟନାୟକ ରାଜ୍ୟ ରାଜନୀତିରେ ପ୍ରବେଶ କରି ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବାପରେ ଓଡ଼ିଶାର ବିକାଶ ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଦୂରଦୃଷ୍ଟି ସଂପନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ରାଜ୍ୟବାସୀଙ୍କ ପାଇଁ ତାଙ୍କ ଆଦର୍ଶ ଅନୁକରଣୀୟ ହୋଇରହିଥିବେ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପିସିସି ନିର୍ବାଚନ ମ୍ୟାନେଜମେଣ୍ଟ କମିଟି ଗଠିତ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରସ୍ତାବ କ୍ରମେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲିକାର୍ଜୁନ ଖଡ଼୍‌ଗେ ଚଳିତ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ପ୍ରଦେଶ କଂଗ୍ରେସ ନିର୍ବାଚନ ମ୍ୟାନେଜମେଂଟ କମିଟି ଗଠନ କରିଛନ୍ତି। ଏହି କମିଟିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ଭାବେ ରହିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ ଆବାହକ ଭାବରେ ଏବଂ ବାଙ୍କନିଧି ବେହେରା ଓ ବିକାଶ ଗରାବଡୁ ଯୁଗ୍ମ ଆବାହକ ଭାବରେ ରହିଛନ୍ତି। ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଶ୍ରୀକାନ୍ତ ଜେନା, ସୁଶୀଲା ତିରିଆ, ଶରତ ରାଉତ, ଡ. ରାମଚନ୍ଦ୍ର ଖୁଂଟିଆ, ବିଜୟ କୁମାର ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ନକୁଳ ନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଡ. ହମିଦ୍ ହୁସେନ୍, ବନ୍ଦିତା ପରିଡ଼ା, ଶୁଭେନ୍ଦୁ ମହାନ୍ତି, ମନୋଜ ଜେନା, ଦେବାଶିଷ ଭୂୟାଁ, ସିତାଂଶୁ ଦାସ, କିଶୋର ଜେନା, ଲୋକନାଥ ମହାରଥୀ, ରାଜୀବ ପଟ୍ଟନାୟକ ପ୍ରମୁଖ ରହିଥିବାବେଳେ ଏକ୍ସ-ଅଫିସିଓ ସଭ୍ୟ ଭାବରେ ସମସ୍ତ ପୂର୍ବତନ ପିସିସି ସଭାପତି ଓ ବିରୋଧଦଳ ନେତା, ଓଡ଼ିଶା ଦାୟିତ୍ୱରେ ଥିବା ଏ.ଆଇ.ସି.ସି କର୍ମକର୍ତା, ରାଜ୍ୟ ଛାମୁଆ ସଂଗଠନ/ ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ପିସିସି ୱାର ରୁମ୍ ଅଧ୍ୟକ୍ଷ / ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ମାନେ ରହିଛନ୍ତି ବୋଲି ପିସିସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଏମ୍ସରେ କୃତ୍ରିମ ମୂତ୍ର ସ୍ଫିନ୍ଟର ପ୍ରତିରୋପଣ ଆରମ୍ଭ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରର ଖ୍ୟାତି ଅର୍ଜନ କରିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଯୋଡ଼ିଛି ଆଉ ଏକ ଫର୍ଦ୍ଦ। ରାଜ୍ୟରେ ପ୍ରଥମକରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ର ସ୍ଫିନ୍ଟର୍ସ (ଏୟୁଏସ) ପ୍ରତିରୋପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହେବାର ଗୌରବ ଲାଭ କରିଛି। ଏକ ସୁଦକ୍ଷ ଡ଼ାକ୍ତରୀ ଦଳ ଏହି ବିଶେଷ ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତ ମାନର ଜୀବନ ପ୍ରଦାନ



କରିବାରେ ସହାୟକ ହେବ। ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା। ବର୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି। କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ପ୍ରତିରୋପଣ ପ୍ରଣାଳୀ ମୂତ୍ର ରୋଗୀଙ୍କ ପାଇଁ ସର୍ବୋଚ୍ଚ (ସ୍ୱର୍ଣ୍ଣ ମାନକ) ଚିକିତ୍ସା ଭାବରେ ସ୍ୱୀକୃତିପ୍ରାପ୍ତ ଯାହା ପାରମ୍ପାରିକ ଚିକିତ୍ସା ପଦ୍ଧତିର ବିରୁଦ୍ଧାଚରଣ କରେନାହିଁ। ପ୍ରୋଷ୍ଟେଟ ସର୍ଜରୀ, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି। ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ। କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହିନୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏ। ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନ ପ୍ରକ୍ରିୟାକୁ ସ୍ୱାଭାବିକ କରିଥାଏ। ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି ଯାହାକି ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଆର୍ଟିଫିସିଆଲ୍ ୟୁରିନାରୀ ସ୍ଫିନ୍ଟର ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜୀ ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଓଡ଼ିଶଇ-ରେଜିଷ୍ଟ୍ରି ଓ ଆଇଆରଆରଆଇ ପକ୍ଷରୁ ଅଭିନବ କୃଷି ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଡିଜିଟାଲ ଉଦ୍ଭାବନ ଏବଂ ଜଳବାୟୁ-ସ୍ମାର୍ଟ ଅଭ୍ୟାସ ମାଧ୍ୟମରେ କୃଷିରେ ପରିବର୍ତ୍ତନ ଆଣିବା ପାଇଁ ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଓଡ଼ିଶାର ଗଞ୍ଜାମରେ ଏକ ମହିଳା ନେତୃତ୍ୱାଧୀନ କୃଷକ ଉତ୍ପାଦକ କମ୍ପାନୀକୁ ଏକ ଅଗ୍ରଣୀ ଭାଗିଦାରୀରେ ଦ୍ୱାର ଇ-ରେଜିଷ୍ଟ୍ରି ଏବଂ ଆଇଆରଆରଆଇ ପ୍ରତିଷ୍ଠା କରିଛନ୍ତି। ଓଡ଼ିଶାର ମହିଳା କୃଷକଙ୍କ ଜୀବିକା ବୃଦ୍ଧି ଉଦ୍ଦେଶ୍ୟରେ ଦ୍ୱାର ଇ-ରେଜିଷ୍ଟ୍ରି ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆରଆରଆଇ) ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଡିଏ ଆଣ୍ଡ ଏଫଇ, ଭାରତ ସରକାର ଏବଂ ଓଆଇଆଇପିସିଆରଏ ପ୍ରକଳ୍ପ ଦ୍ୱାରା ସମର୍ଥିତ କ୍ଲାଇମେଟ୍ ସ୍ମାର୍ଟ ରାଇସ୍ ଆଧାରିତ ସମୃଦ୍ଧି ଏବଂ ସ୍ଥିରତା ବ୍ୟବସ୍ଥା (କ୍ଲାଇମେଟ୍ ପିଆରଓ) ପ୍ରକଳ୍ପର ଏକ ଅଂଶ ଭାବରେ ଏହି ଭାଗିଦାରୀ ଗଞ୍ଜାମ ଜିଲ୍ଲାରେ ଏକ ମହିଳାଙ୍କ ନେତୃତ୍ୱାଧୀନ କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ କୃଷି ଉତ୍ପାଦକତା ଏବଂ ସ୍ଥିରତା ବୃଦ୍ଧି ଉପରେ ଧ୍ୟାନ ଦେବ।

ଏହି ସହଯୋଗର ପ୍ରାଥମିକ ଲକ୍ଷ୍ୟ ହେଉଛି କ୍ଷୁଦ୍ର ଚାଷୀ, ବିଶେଷକରି ମହିଳାମାନଙ୍କୁ ଜଳବାୟୁ ସହନଶୀଳ ଏବଂ ଉଚ୍ଚ ଉତ୍ପାଦନକାରୀ ପ୍ରଜାତିର ଧାନ, ଡାଲି, ତୈଳବୀଜ ଏବଂ ଅନ୍ୟାନ୍ୟ ଲାଭଦାୟକ ଫସଲ ସହିତ ପରିଚିତ କରାଇ ସେମାନଙ୍କୁ ସଶକ୍ତ କରିବା। ଏହା ସହିତ ଜଳବାୟୁ-ସ୍ମାର୍ଟ କୃଷି ପଦ୍ଧତି ଗ୍ରହଣ କରିବାର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ ପ୍ରତି କୃଷକମାନଙ୍କର ମୁକାବିଲାରେ ଉନ୍ନତି ଆଣିବା, ଯାହା ଦ୍ୱାରା ସମଗ୍ର ଓଡ଼ିଶାରେ ସ୍ଥାୟୀ କୃଷି ବ୍ୟବସ୍ଥା ସୁନିଶ୍ଚିତ ହେବ। ଏହି ପଦକ୍ଷେପର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଡିଜିଟାଲ ସମାଧାନର ଉପଯୋଗ ଉପରେ ଗୁରୁତ୍ୱ ଦେବା। ଦ୍ୱାର ଇ-ରେଜିଷ୍ଟ୍ରି ଦ୍ୱାରା ବିକଶିତ ଦୂରଦର୍ଶୀ ପ୍ଲାଟଫର୍ମ କୃଷି ମୂଲ୍ୟ ଶୃଙ୍ଖଳା ମଧ୍ୟରେ ଥିବା ସମସ୍ତ ଅଂଶୀଦାରଙ୍କ ପାଇଁ କୃଷି ସେବା ଉପଲବ୍ଧତାରେ ଉନ୍ନତି ଆଣି ଏହି ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମୋବାଇଲ୍ ଏବଂ ୱେବ୍ ଆଧାରିତ ପ୍ଲାଟଫର୍ମ କୃଷକ ଏବଂ ଏଫପିଓ ଜମି ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ଗୁଡିକର ଡିଜିଟାଇଜେସନ୍ କୁ ସକ୍ଷମ କରିଥାଏ, ଯାହା ସୂଚନା ଆଦାନପ୍ରଦାନର ଡିଜିଟାଲ ମାଧ୍ୟମରେ କୃଷି ଏବଂ ଫସଲ-ନିର୍ଦ୍ଦିଷ୍ଟ ଉତ୍ପାଦ ଏବଂ ସେବା ପ୍ରଦାନ କରିଥାଏ। ଦ୍ୱାର ଇ-ରେଜିଷ୍ଟ୍ରିର ସହ ପ୍ରତିଷ୍ଠାତା ତଥା ମୂଲ୍ୟ-ଶୃଙ୍ଖଳା ମୁଖ୍ୟ ତରୁଣ କାଟୋଚ ଏହି ଅଭିନବ ଆଭିମୁଖ୍ୟ ପଛର ଦୃଷ୍ଟିକୋଣ ବିଷୟରେ ବର୍ଣ୍ଣନା କରି କହିଲେ, "କ୍ଲାଇମେଟ୍ ପ୍ରୋ ପ୍ରକଳ୍ପର ଅଂଶ ଭାବରେ ଆଇଆରଆରଆଇ ସହିତ ଆମର ସହଯୋଗ ହେଉଛି ଓଡ଼ିଶାର ମହିଳା କୃଷକମାନଙ୍କ ଦ୍ୱାରରେ ପରିବର୍ତନମୂଳକ ଡିଜିଟାଲ ଏବଂ କୃଷି ସମାଧାନ ଆଣିବା।

# 'ଗ୍ଲୋବାଲ ସ୍କୁଲ ସିଷ୍ଟମ ରିଫର୍ମ' ଶୀର୍ଷକ ବକ୍ତୃତା

**ଭୁବନେଶ୍ୱର,୧୮।୪ (ମହାଭାରତ):** ଏନସିଇଆରଟି ଭୁବନେଶ୍ୱରର ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ ପକ୍ଷରୁ ଆୟୋଜିତ ଏକ୍ସଟେନ୍‌ସନ ଲେକ୍ଚର ସିରିଜରେ ସ୍ଲୋଭାକିଆସ୍ଥିତ ତ୍ରିନାଭା ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବ୍ରାନିସ୍ଲାଭ ପୁପାଲା ଗ୍ଲୋବାଲ ସ୍ତରରେ ସ୍କୁଲ ସିଷ୍ଟମ ସଂସ୍କାର ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ ପ୍ରଫେସର ପୁପାଲାଙ୍କୁ ସ୍ୱାଗତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

ପ୍ରଫେସର ଅଗ୍ରୱାଲ ଦେଶର ଭବିଷ୍ୟତ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଶ୍ୱସ୍ତରରେ ବିଦ୍ୟାଳୟ ଶିକ୍ଷାର ଉଦୀୟମାନ ଭୂମିକା ବିଷୟରେ ବୁଝିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ବିଦ୍ୟାଳୟ ଶିକ୍ଷା ଓ ଶିକ୍ଷକ ଶିକ୍ଷାର ଶ୍ରେଷ୍ଠ ଅଭ୍ୟାସ ଉପରେ ବିଚାର କରିବା ପାଇଁ ସେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ପ୍ରଫେସର ପୁପାଲାଙ୍କ ବକ୍ତବ୍ୟ 'ବିଶ୍ୱସ୍ତରରେ ବିଦ୍ୟାଳୟ ବ୍ୟବସ୍ଥା ସଂସ୍କାର ଅଭିଯାନ' ଉପରେ ଗୁରୁତ୍ୱାରୋପ କରିଥିଲା ଯାହା ସମଗ୍ର ୟୁରୋପୀୟ ସଂଘରେ ସାମ୍ପ୍ରତିକ ଶିକ୍ଷାଗତ ଧାରା ବିଷୟରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲା। ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ପ୍ରାଥମିକତା ଦେବା ପାଇଁ ୟୁରୋପୀୟ ସଂଘର ସାମ୍ପ୍ରତିକ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ୩ ରୁ ୫ ବର୍ଷ ବୟସର ପିଲାମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟକୁ ବାଧ୍ୟତାମୂଳକ କରିଥିଲେ। ଫ୍ରାନ୍ସ ଏବଂ ହଙ୍ଗେରୀ ଏହି ନୀତିକୁ ଗ୍ରହଣ କରି ସାରିଛନ୍ତି ଏବଂ ଏହାକୁ ତିନି ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ବିସ୍ତାର କରିଛନ୍ତି। ଅବହେଳିତ ପୃଷ୍ଠଭୂମିର ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ପଦକ୍ଷେପ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ସେମାନେ ମଜାଦାର ଶିକ୍ଷଣ ଏବଂ ଗଠନମୂଳକ ବିଦ୍ୟାଳୟ ଶିକ୍ଷାର ମିଶ୍ରଣ ମାଧ୍ୟମରେ ଏକ ଦୃଢ଼ ଶିକ୍ଷାଗତ ଭିତ୍ତିଭୂମି ପାଇପାରିବେ। ପ୍ରଫେସର ପୁପାଲା ୟୁରୋପୀୟ ସଂଘର ସୁପାରିସକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ୩ ବର୍ଷ ରୁ ଅଧିକ ବୟସର ୪୫% ପିଲାଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ଏବଂ ସଦସ୍ୟ ଦେଶମାନଙ୍କରେ ପ୍ରାଥମିକ ଶିକ୍ଷା ଆରମ୍ଭ ସୁଦ୍ଧା ୯୬% କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଫେସର ପୁପାଲା ତାଙ୍କ ବକ୍ତବ୍ୟରେ ଦକ୍ଷତା ଭିତ୍ତିକ ଶିକ୍ଷାରୁ ଜ୍ଞାନ ଭିତ୍ତିକ ଶିକ୍ଷାକୁ ପରିବର୍ତ୍ତିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀଙ୍କ ପ୍ରାଚୀନ ମୂଲ୍ୟବୋଧ, ଐତିହ୍ୟ, ଦକ୍ଷତା ଓ ଦକ୍ଷତା ଉପରେ ଗୁରୁତ୍ୱ ଦେଉଥିବା ଜାତୀୟ ଶିକ୍ଷା ନୀତି-୨୦୨୦କୁ ସେ ପ୍ରଶଂସା କରିବା ସହ ଦକ୍ଷତା ଭିତ୍ତିକ ଶିକ୍ଷା ବ୍ୟବହାରିକ ଦକ୍ଷତା ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜ୍ଞାନର ଏକ ସୁଦୃଢ଼ ଭିତ୍ତିଭୂମି ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଓ ସ୍ଥାନୀୟ ଦୃଷ୍ଟିକୋଣ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

## ଇକ୍ୱିଟି ସେୟାର ଆବଂଟନ କରିଛି ବିକାଶ ଲାଇଫ୍‌କେୟାର ଲିଃ

**ଭୁବନେଶ୍ୱର,୧୮।୪ :** ଗତ ଏପ୍ରିଲ ୫ ତାରିଖରେ ଆୟୋଜିତ ବିକାଶ ଲାଇଫ୍‌କେୟାର ଲିମିଟେଡ (ଭିଏଲ୍‌ଏଲ୍)ର ବୋର୍ଡ ବୈଠକରେ କମ୍ପାନୀ ଶ୍ରେଷ୍ଠା ଫିନ୍‌ଭେଷ୍ଟ ଲିମିଟେଡକୁ ୱାରେଂଟ୍‌ର କନ୍‌ଭର୍ସନ ବିରୋଧରେ ଇକ୍ୱିଟି ସେୟାର ଆବଂଟନ କରିଛି। ବିକାଶ ଲାଇଫକେୟାର ଲିମିଟେଡ ୫୨୦,୦୦,୦୦୦ ୱାରେଂଟ କନ୍‌ଭର୍ଟ କରିଥିବା ବେଳେ ସମାନ ସଂଖ୍ୟକ ଇକ୍ୱିଟି ସେୟାର ଆବଂଟନ କରିଛି। ନିକଟରେ ବିକାଶ ଲାଇଫ୍‌କେୟାର ଲିଃ ଘୋଷଣା କରିଥିଲା ଯେ, କମ୍ପାନୀ ବେଂଚ୍‌ମାର୍କ ନ୍ୟୁଜ ଲ୍ୟାବ ପ୍ରାଇଭେଟ ଲିମିଟେଡରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଧିଗ୍ରହଣ କରିଛି। କମ୍ପାନୀ ଲୋକପ୍ରିୟ ନ୍ୟୁଜ୍ ଚ୍ୟାନେଲ ଭାରତ ଏକ୍ସପ୍ରେସ ନ୍ୟୁଜ୍‌ରେ ୭.୫% ଇକ୍ୱିଟି ଅଧିଗ୍ରହଣ କରିବା ପାଇଁ ମୋଟ ୧୫୦ ମିଲିୟନ ଟଙ୍କା ନିବେଶ କରିଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଭେଂଚର ଓ ସମ୍ବନ୍ଧିତ ଶିଳ୍ପରେ ନିଜର ଅଂଶ ବୃଦ୍ଧି କରିପାରେ। ସମ୍ପ୍ରସାରଣ ଯୋଜନାକୁ ଅନୁସରଣ କରି ଓ ନିଜର ବ୍ୟବସାୟିକ ଆଗ୍ରହକୁ ବ୍ୟାପକ କରିବା ପାଇଁ ବିକାଶ ଲାଇଫ୍‌କେୟାର ନିକଟରେ ମିଡିଆ ଓ ମନୋରଞ୍ଜନ ବ୍ୟବସାୟ ଶିଳ୍ପରେ ପ୍ରବେଶ କରିଥିଲା ଏବଂ ଏହା ଅଧିଗ୍ରହଣ ଓ ମିଶ୍ରଣ ମାଧ୍ୟମରେ ଶିଳ୍ପରେ ନିଜର ମଜଭୁତ ଉପସ୍ଥିତି ପାଇଁ ବିଭିନ୍ନ ବିକଳ୍ପର ଅନ୍ୱେଷଣ କରୁଛି।

# ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ନଷ୍ଟ କରିଛନ୍ତି ସରକାର : ବିଜେପି

**ଭୁବନେଶ୍ୱର,୧୮।୪ (ମହାଭାରତ):** ରାଜ୍ୟରେ ସ୍ୱାସ୍ଥ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଶାସନରେ ଓଡିଶାର ସ୍ୱାସ୍ଥ୍ୟ ସେବାକୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଦାୟୀତ୍ୱରେ ଥିବା ମନ୍ତ୍ରୀ ନବ ଦାସ, ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏୟାର ଆମ୍ବୁଲାନ୍ସରେ ଅଣାଯାଇ ଭୁବନେଶ୍ୱରଠାରେ ଚିକିତ୍ସିତ କରାଯାଇଥିଲା। ସେହିପରି ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ଦାମୋଦର ରାଉତଙ୍କୁ ଚିକିତ୍ସା ଅବହେଳା କାରଣରୁ କ୍ୟାପିଟାଲ ହସପିଟାଲରୁ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ସ୍ୱର୍ଗତଃ ରାଉତଙ୍କ ପୁତ୍ର ଅଭିଯୋଗ କରିଥିଲେ। ଯଦି ବଡ ଲୋକଙ୍କ ଅବସ୍ଥା ସରକାରୀ ମେଡିକାଲରେ ଏମିତି, ତାହାଲେ ସାଧାରଣ ଲୋକଙ୍କ ଅବସ୍ଥା କଣ ତାହା ସ୍ପଷ୍ଟ ଅନୁମେୟ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଏହାଠୁ ବଡ ଉଦାହରଣ ଆଉ କିଛି ନାହିଁ ବୋଲି ବିଜେପି ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି।

ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ବାରମ୍ବାର ଦାବୀ ସତ୍ୱେ ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରାଯାଉନାହିଁ। ଆୟୁଷ୍ମାନ ଭାରତକୁ କାର୍ଯ୍ୟକାରୀ କରଗଲା ନାହିଁ କିନ୍ତୁ ଆରୋଗ୍ୟ ମନ୍ଦିର ପାଇଁ କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ନେଇଗଲେ। ୨୦୧୪ ମସିହା ପରଠାରୁ କେବଳ ଜାତୀୟ ସ୍ୱାସ୍ଥ୍ୟ ମିଶନ, କେନ୍ଦ୍ରୀୟ ଅନୁଦାନ ଓ ସହାୟତାରେ ଓଡିଶାରେ ବଡ ବଡ ମେଡିକାଲ କଲେଜ ଗଢି ଉଠିଛି। ରାଜ୍ୟରେ ଥିବା ପିଏଚସି, ସିଏଚସି କୋଠାରୁ ଆରମ୍ଭ କରି ଏମ୍ସ ପ୍ଲସ କୋଠା ଯାଏଁ ସବୁଠି ଜାତୀୟ ସ୍ୱାସ୍ଥ୍ୟ ମିଶନର ଅର୍ଥ ଲାଗିଛି। ମାତ୍ର ରାଜ୍ୟ ସରକାର ଆବଶ୍ୟକୀୟ ଡାକ୍ତର, ଟେକ୍ନିସିଆନ, ପାରା ମେଡିକାଲ ଷ୍ଟାଫ ଯୋଗାଇ ଦେଉନାହାନ୍ତି। ରାଜ୍ୟରେ କେବଳ ଅମଲା ଶାସନ ଚାଲିଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

ରାଜ୍ୟରେ ୪୭ ହଜାର ଡାକ୍ତର ଆବଶ୍ୟକ ଥିବାବେଳେ ମାତ୍ର ୨୭ ହଜାର ଡାକ୍ତର ଅଛନ୍ତି। ରାଜ୍ୟର ୨୮୨୮୫ ନର୍ସିଂ ଅଫିସର ମଧ୍ୟରୁ ୧୭୩୮୫ ପଦ ଖାଲି, ୩୪୯୦ ଫାର୍ମାସିଷ୍ଟ ପଦବୀରୁ ୯୯୮ ପଦବୀ ଖାଲି, ୨୨୩୫ ଲ୍ୟାବରୋଟରୀ ଟେକନିସିଆନ ପଦବୀରୁ ୯୧୫ ଖାଲି, ୬୯୫ ରେଡିଓଲୋଜିଷ୍ଟ ପଦବୀରୁ ୩୭୮ ଖାଲି ପଡିଛି। ରାଜ୍ୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ରୋଗୀଙ୍କ ସଂଖ୍ୟା ବଢୁଛି। ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ସ୍ୱାସ୍ଥ୍ୟସେବା ବିପିର୍ଯ୍ୟସ୍ତ ହୋଇପଡିଛି। ଗରୀବ ରୋଗୀ ହନ୍ତସନ୍ତ ହେବା ସହିତ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏ ସମସ୍ତ ସମସ୍ୟାର ସମାଧାନ ନକରି ଏବଂ ନିଜ ବିଫଳତାକୁ ଲୁଚାଇବା ପାଇଁ ବିଜେଡିର ନେତାମାନେ ଅନ୍ୟ ଉପରେ ଦୋଷ ଲଦି ଦେବାର ଅଭ୍ୟାସରେ ପରିଣତ ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

# ଗଡିବ ୨୦ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଟ୍ରେନ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଗ୍ରୀଷ୍ମ କାଳୀନ ଭିଡକୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଆହୁରି ଅଧିକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କାରାଯିବା ସହିତ ପୂର୍ବରୁ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ବୃଦ୍ଧି କରିବା ନିଷ୍ପତି ନିଆଯାଇଛି।୨୦ ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଟ୍ରେନ ଚଳାଚଳ କରିବାକୁ ନିଷ୍ପତି ହୋଇଥିବା ବେଳେ ନଅ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଏବଂ ୧୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ଚଳାଚଳ ସମୟରେ ବୃଦ୍ଧି ପାଇଁ ନିଷ୍ପତି ହୋଇଛି।

୦୮୪୮୩/୦୮୪୮୪ ପୁରୀ-ଶାଳିମାର-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୪୭୫/୦୮୪୭୬ ପୁରୀ-ନିଜାମୁଦ୍ଦିନ-ପୁରୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୨୮୩୯/୦୨୮୪୦ ଶାଳିମାର-ମାଳତୀପାଟପୁର-ଶାଳିମାର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ , ୦୯୦୬୯/୦୯୦୭୦ ସୁରଟ-ବ୍ରହ୍ମପୁର-ସୁରଟ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୩୨୭/୦୮୩୨୮ ସମ୍ବଲପୁର-ପୁଣେ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୮୩୫୧/୦୮୩୫୨ ସମ୍ବଲପୁର-ଗୌହାଟୀ-ସମ୍ବଲପୁର ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ,୦୮୫୩୯/୦୮୫୪୦ ବିଶାଖାପାଟନମ୍-କୋଲାମ-ବିଶାଖାପାଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ , ୦୮୫୮୫/୦୮୫୮୬ ବିଶାଖାପାଟନମ୍-କୁର୍ନୁଲ୍-ବିଶାଖାପାଟନମ୍ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏପ୍ରିଲରୁ ଚଳାଚଳ କରିବ।

ଗ୍ରୀଷ୍ମ ସମୟରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ କିଛି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସେବା ସମୟ ବୃଦ୍ଧି କରାଯାଇଛି।



ଏହି ଟ୍ରେନ୍ ଗୁଡିକ ହେଲା ଭୁବନେଶ୍ୱର-ଚେନ୍ନାଇ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ,ଭୁବନେଶ୍ୱର-ଧାନବାଦ ସ୍ୱତନ୍ତ୍ର ଟ୍ରେନ୍ ,ପୁରୀ-ପାଟନା ସ୍ୱତନ୍ତ୍ର ଟ୍ରେନ୍ , ପୁରୀ-ପାଟନା ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ଭଞ୍ଜପୁର (ବାରିପଦା) ସ୍ୱତନ୍ତ୍ର ଟ୍ରେନ୍. ପୁରୀ-ସାନ୍ତ୍ରାଗଛି ସ୍ୱତନ୍ତ୍ର ଟ୍ରେନ୍ ,ବ୍ରହ୍ମପୁର-ଏର୍ଣ୍ଣାକୁଲମ୍ ସାପ୍ତାହିକ ଜନସାଧାରଣ ସ୍ୱତନ୍ତ୍ର ଟ୍ରେନ୍ (ଅଣସଂରକ୍ଷିତ), କଟକ-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟଣା - ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ. ବିଶାଖାପାଟନମ୍-ତିରୁପତି ସ୍ୱତନ୍ତ୍ର ଟ୍ରେନ, ବିଶାଖାପାଟନମ୍-ବେଙ୍ଗାଲୁରୁ ସ୍ପେଶାଲ୍।

ଉପରୋକ୍ତ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ, ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରୁଅଛି। ଏହି ଟ୍ରେନ ଗୁଡିକ ହେଉଛି ପ ସିକନ୍ଦରାବାଦ-ଦିବ୍ରୁଗଡ-ସିକନ୍ଦରାବାଦ ସ୍ପେଶାଲ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ ସ୍ପେଶାଲ, ଚେନ୍ନାଇ-ସାନ୍ତ୍ରାଗଛି-ଚେନ୍ନାଇ ସ୍ପେସିଆଲ, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ ସ୍ପେସିଆଲ, କୋଚୁଭେଲି-ଶାଳିମାର-କୋଚୁଭେଲି ସ୍ପେଶାଲ, ବେଙ୍ଗାଲୁରୁ-ଖଡ଼ଗ୍ପୁର-ବେଙ୍ଗାଲୁରୁ ସ୍ପେସିଆଲ, ସାନ୍ତ୍ରାଗଛି-ସିକନ୍ଦରାବାଦ-ସାନ୍ତ୍ରାଗଛି ସ୍ପେସିଆଲ, ସିକନ୍ଦରାବାଦ-ଶାଳିମର-ସିକନ୍ଦରାବାଦ ସ୍ପେଶାଲ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ ସ୍ପେଶାଲ, ମହୀଶୂର-ମୁଜାଫରପୁର-ମହୀଶୂର ସ୍ପେଶାଲ, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ସ୍ପେଶାଲ ଏବଂ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ।

## ସାମସଙ୍ଗ ପକ୍ଷରୁ ନିଓ କ୍ୟୁଏଲଇଡ ୮କେ, ନିଓ କ୍ୟୁଏଲଇଡି ୪କେ ଟିଭିର ବଜାର ପ୍ରବେଶ

**ଭୁବନେଶ୍ୱର,୧୮।୪ (ମହାଭାରତ):** ଭାରତର ସର୍ବବୃହତ ଗ୍ରାହକ ଇଲେକ୍ଟ୍ରୋନିକ୍ସ କମ୍ପାନୀ ସାମସଙ୍ଗ ପକ୍ଷରୁ ବେଙ୍ଗାଲୁରୁର ସାମସଙ୍ଗ ଅପେରା ହାଉସଠାରେ 'ଅନବକ୍ସ ଆଣ୍ଡ ଡିସକଭର' କାର୍ଯ୍ୟକ୍ରମରେ ଏହାର ଅଲଟ୍ରା-ପ୍ରିମିୟମ ନିଓ କ୍ୟୁଏଲଇଡି ୮କେ, ନିଓ କ୍ୟୁଏଲଇଡି ୪କେ ଏବଂ ଓଏଲଇଡି ଟିଭିର ବଜାର ପ୍ରବେଶ ସହିତ ଏଆଇ ଟିଭିର ଏକ ନୂତନ ଯୁଗର ଘୋଷଣା କରିଛି। ୨୦୨୪ ଲାଇନ ଅପରେ ନିଓ କ୍ୟୁଏଲଇଡି ୮କେ, ନିଓ କ୍ୟୁଏଲଇଡି ୪କେ ଏବଂ ଓଏଲଇଡି ଟିଭି ଏଆଇ ଚାଳିତ ସମାଧାନ ସହିତ ଗ୍ରାହକଙ୍କ ଘରର ମନୋରଞ୍ଜନ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ସକ୍ଷମ ହେବ।

ଏହି ଅବସରରେ ସାମସଙ୍ଗ ଦକ୍ଷିଣ-ପଶ୍ଚିମ ଏସିଆର ସଭାପତି ତଥା ସିଇଓ ଜେବି ପାର୍କ କହିଲେ,ଗ୍ରାହକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସାମସଙ୍ଗ ଉତ୍ପାଦ ବର୍ଗରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ)ର ପରିବର୍ତନଶୀଳ ଶକ୍ତି ଆଣିଛି। ସେଥିପାଇଁ ଆମ ଗ୍ରାହକଙ୍କ ପାଇଁ ଅତୁଳନୀୟ ଦର୍ଶନ ଅଭିଜ୍ଞତା ପ୍ରଦାନ କରିବାକୁ ଆମେ ଏଆଇକୁ ଘରୋଇ ମନୋରଞ୍ଜନ ପାଇଁ ଏକୀକୃତ କରିଛୁ।

# ବିଜେପିରେ ଯୋଗ ଦେଲେ ପ୍ରହଲ୍ଲାଦ ତ୍ରିପାଠୀ

**ଭୁବନେଶ୍ୱର,୧୮।୪ (ମହାଭାରତ):** ବିଜେଡିର ପ୍ରତିଷ୍ଠାତା ସଦସ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନବରଙ୍ଗପୁର ଜିଲ୍ଲାର ପୂର୍ବତନ ସଭାପତି ଏବଂ ସୁସଂଗଠକ ପ୍ରହଲ୍ଲାଦ ତ୍ରିପାଠୀ(ଅର୍ଜୁନ) ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବ୍ୟକ୍ତିକେନ୍ଦ୍ରୀକ ରାଜନୈତିକ ଦଳ ପାଲଟିଛି ବିଜେଡି। ଅନ୍ୟ ପଟେ ବିଜେପିର ରାଷ୍ଟ୍ରବାଦୀ ବିଚାରଧାରାରେ ପ୍ରଭାବିତ ହୋଇଛି। ମୋଦି ଗ୍ୟାରେଂଟିରୁ ବଂଚିତ ରଖାଯାଉଥିବା ଓଡିଶାବାସୀ ଓ ବିଶେଷ ଭାବେ ନବରଙ୍ଗପୁର ଜିଲ୍ଲାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେପିରେ ଯୋଗ ଦେଇଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

ସେହିପରି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ପୂର୍ବତନ ସରପଂଚ ତଥା ଯୁବ କଂଗ୍ରେସ ଉପସଭାପତି ଇନ୍ଦ୍ରଜିତ୍ ଦାସ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ଦାସଙ୍କ ସମେତ ଚନ୍ଦ୍ରଶେଖର ମହାନ୍ତି, ଚିତରଞ୍ଜନ ଦାସ, ଶୁଭମ ସାମଲ, ଜ୍ଞାନରଞ୍ଜନ ବେହେରା, ସୁଶାନ୍ତ ଜେନା, ଇନ୍ଦ୍ରଜୀତ୍ ବେହେରା, ସଞ୍ଜୟ ରାଉଳ, ରଞ୍ଜିତ ବେହେରା, ହିମାଂଶୁ ଖଟୁଆ, ବିନାୟକ ଓଝା, ଅକ୍ଷୟ କୁମାର ମାଝୀ, କଂଗେସ କର୍ମୀ ଗୋବିନାଥ ବେହେରା, ଶ୍ରୀକାନ୍ତ ବେହେରା, ପବିତ୍ର ମାଝୀ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ପାତ୍ର, ପବିତ୍ର ପାବନ ଦାସ, ସୁବାଷ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ଶତପଥୀ, ସୁଧାଂଶୁ କୁମାର ସାମଲ, ବିକ୍ରମ ମଲ୍ଲିକ, ସିଦ୍ଧାର୍ଥ ଶଙ୍କର ସାମଲ, ସପନ କୁମାର ଦାସ, ସୁଜିତ୍ ପତି ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଅଶୋକ ମିଶ୍ର, ଯାଜପୁର ଜିଲ୍ଲା ସଭାପତି ତଥା ଯାଜପୁର ବିଧାୟକ ପ୍ରାର୍ଥୀ ଗୌତମ ରାୟ, ମହେଶ ମହାନ୍ତି ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ କାଟ

ଜୁନ ମଧ୍ୟ ଭାଗ ପରେ ତାପମାତ୍ର ୪୦ ଡିଗ୍ରୀ ତଳକୁ ଖସିଥାଏ, ମାତ୍ର ବାୟୁରେ ଆଦ୍ରତା ଯୋଗୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଥାଏ। ଏହା ଅତ୍ୟନ୍ତ କଷ୍ଟକର। ମୋଟ ଉପରେ କହିଲେ ବର୍ଷକୁ ୮ ମାସ ଏବେ ଖରାଦିନ ଭଳି ଲାଗୁଛି। ତେବେ ସବୁଠାରୁ କଷ୍ଟକର ସମୟ ହେଲା ଏପ୍ରିଲ ଏବଂ ମେ' ମାସ। ଜୁନରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କଲେ ବର୍ଷା ଆରମ୍ଭ ହୁଏ ଏବଂ ତାପମାତ୍ରା ହ୍ରାସ ପାଇତାଏ। ଏପ୍ରିଲ ଓ ମେ ଏହି ଦୁଇ ମାସ ଦିନର ତାପମାତ୍ରା ୪୦ରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅନେକ ସମୟରେ ଲୋକେ ଅଂଶୁଘାତର ଶୀକାର ହୋଇଥାଆନ୍ତି। ୧୯୯୮ରେ ଏପରି ଅସ୍ୱାଭାବିକ ଅଂଶୁଘାତ ଯୋଗୁ ଓଡ଼ିଶାରେ ୨ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ଉତ୍ତପ୍ତ ବାୟୁ ପ୍ରବାହ ଯୋଗୁ ଓଡ଼ିଶାରେ ତାପମାତ୍ରା ଅସ୍ୱାଭାବିକ ଭାବେ ବଢ଼ିଥାଏ। ଏହି ସମୟରେ ତତଲା ପବନ ଯୋଗୁ ମୁହଁ ପୋଡ଼ିଗଲା ଭଳି ଅନୁଭୂତ ହୋଇଥାଏ ଯାହାକୁ ଲୁ' ବୋଲି କୁହାଯାଏ। ଏହା ହିଁ ଅଂଶୁଘାତର ମୁଖ୍ୟ କାରଣ। ଚଳିତ ବର୍ଷ ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବ ଏବଂ ତାପମାତ୍ରା ସ୍ୱାଭାବିକ ସ୍ତରଠାରୁ ଅଧିକ ରହିବ ବୋଲି ଆଇଏମଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ସତର୍କତା ମୂଳକ ପଦକ୍ଷେପ ନିଆଯାଉଛି। ସ୍ୱତନ୍ତ୍ର ରିଲିଫ କମିଶନର ଏଥିଲାଗି ସବୁ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଅଂଶୁଘାତ ମୁକାବିଲା ନିମନ୍ତେ ସବୁ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ଖୋଲିବା, ପର୍ଯ୍ୟାପ୍ତ ଔଷଧ, ସାଲାଇନ, ବରଫ, ଥଣ୍ଡାପାଣି ମହଜୁଦ ରଖିବା ଏବଂ ଏସି ସବୁ ବେଳେ ଯେପରି ପ୍ରସ୍ତୁତ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ଏସଆରସି କହିଛନ୍ତି। ଏହା ସହିତ ଅଂଶୁଘାତରୁ କିପରି ସୁରକ୍ଷା ମିଳିବ ସେଥିଲାଗି ଲୋକଙ୍କୁ ଅବଗତ କରିବା ଏବଂ ସଚେତନ କରିବା ଲାଗି ପଦକ୍ଷେପ ନିଆଯାଉଛି। ତେବେ ଗ୍ରୀଷ୍ମଦିନେ ସବୁଠାରୁ ବଡ଼ ସମସ୍ୟା ହେଲା ପାନୀୟ ଜଳର ଅଭାବ ଏବଂ ବିଦ୍ୟୁତ କାଟ। ସହରାଞ୍ଚଳରେ ଖରାଦିନେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହୋଇଥାଏ। ବିଶେଷ କରି ବ୍ରହ୍ମପୁର ଭଳି ଦକ୍ଷିଣ ଓଡ଼ିଶାର ବିଭିନ୍ନ ସହରରେ ଖରାଦିନେ ଉତ୍କଟ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଥାଏ। ଏସବୁ ସହରକୁ ଟ୍ୟାଙ୍କର ସହାୟତାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେଉଥିଲେ ମଧ୍ୟ ତାହା ପର୍ଯ୍ୟପ୍ତ ନୁହେଁ ବା ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ଅନ୍ୟ ପକ୍ଷରେ ଖରାଦିନେ କୂଅ ପୋଖରୀ ଆଦି ସୁଖିଯାଏ ବା ଏହାର ଜଳସ୍ତର ହ୍ରାସ ପାଏ। ଅନେକ ସ୍ଥାନରେ ନଦୀ ଏବଂ କେନାଲରେ ମଧ୍ୟ ଜଳସ୍ତର ହ୍ରାସ ପାଇଥାଏ। ଫଳରେ ଗ୍ରାମାଞ୍ଚଳରେ ବି ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହୋଇଥାଏ। ରାଜ୍ୟରେ ଏଭଳି ଶହ ଶହ ଗ୍ରାମ ଅଛି ଯେଉଁଠି ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ପର୍ଯ୍ୟପ୍ତ ବ୍ୟବସ୍ଥା ନାହିଁ। ଗ୍ରାମବାସୀମାନେ ପାଣି ପାଇଁ ଡହଳ ବିକଳ ହୋଇଥା'ନ୍ତି। ଅନେକ ଲୋକ ମାଇଲ ମାଇଲ ବାଟ ଚାଲି ଚାଲି ଯାଇ ପାଣି ସଂଗ୍ରହ କରନ୍ତି। କିଛି ସ୍ଥାନରେ ଲେଶକେ ଚୁଆ ଖୋଳି ପାଣି ସଂଗ୍ରହ କରନ୍ତି। ପିଇବା ପାଣି ମୁନ୍ଦାଏ ବହୁ କଷ୍ଟରେ ଯୋଗାଡ଼ ହୋଇଥାଏ। ଅନ୍ୟ କାମ ଲାଗି ପାଣି ନାହିଁ। ଆଉ ଚାଷବାସ ଲାଗି ପାଣି ସାତ ସପନ। ଏହା ଆଜିର ନୁହେଁ, ଦୀର୍ଘ ବର୍ଷ ହେବ ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁନି। ଦ୍ୱିତୀୟ ସମସ୍ୟା ହେଲା ବିଦ୍ୟୁତ ଯୋଗାଣ। ଖରାଦିନେ ବିଜୁଳି ବ୍ୟବହାର ବଢ଼ିଯାଏ। କିନ୍ତୁ ଏହି ଚାହିଦା ମେଣ୍ଟାଇବାକୁ ବିଦ୍ୟୁତ ଉତ୍ପାଦନ ହୋଇନଥାଏ।

# ପରମହଂସ ପ୍ରଜ୍ଞାନାନନ୍ଦ

॥ ହେମନ୍ତ କୁମାର ପରିଡ଼ା ॥

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆତ୍ମମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତ୍ତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧ୍ୟାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ । ତାଙ୍କ ସତ୍ ସଙ୍କଳ୍ପରୁ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ । ଯେଉଁଠାରେ ଅସହାୟ ନିସହାୟ ପିଲାମାନଙ୍କୁ ସାରା ଓଡ଼ିଶାରୁ ଖୋଜି ଖୋଜି ଅଣାଯାଇ ବିଦ୍ୟାଳୟରେ ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ । ବାଳାଶ୍ରମ ଏକ ଉଚ୍ଚମାନର ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ । ଦେଶର ବହୁସ୍ଥାନରେ ସେ ଗଢ଼ିଛନ୍ତି ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ । ଯେଉଁଠାରେ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥାଏ । ଅନେକ କ୍ରିୟାଯୋଗ ଆଶ୍ରମ ଦେଶ ବିଦେଶରେ ପ୍ରତିଷ୍ଠା କରି ଲୋକମାନଙ୍କ ଭିତରେ ଶାନ୍ତି ଆନନ୍ଦ ଓ ଭାତୃଭାବର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି । ହରିହରାନନ୍ଦ ଗୁରୁକୁଳମ୍ ହେଉଛି ଏକ ଅପୂର୍ବ ଆଧ୍ୟାତ୍ମ ସାଧନା କେନ୍ଦ୍ର । ଏକ ସୁନ୍ଦର ମନୋରମ ଆଶ୍ରମ । ପୁରୀ କୋଣାର୍କ ବେଳାମାର୍ଗର ପୂର୍ବ ପାର୍ଶ୍ୱରେ ଅବସ୍ଥିତ ଏହି ଆଶ୍ରମ ଦର୍ଶନ ପାଇଁ ଟିକିଏ ବିଶ୍ରାମ ପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ଧାଇଁ ଆସୁଛନ୍ତି ।

ପ୍ରଜ୍ଞାନାନନ୍ଦଜୀ ଜଣେ ବହୁଭାଷାବିତ୍ ଶାସ୍ତ୍ରଜ୍ଞ ବିଦ୍ୱାନ । ବିଶ୍ୱର ବହୁଧର୍ମ ଦର୍ଶନ ଉପରେ ତାଙ୍କର ଗଭୀର ପ୍ରବେଶ ଅଛି । ସାରା ବିଶ୍ୱ ଭ୍ରମଣ କରି ସେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଓ ପ୍ରଖ୍ୟାତ ପୀଠମାନଙ୍କରେ ଧର୍ମ, ଦର୍ଶନ, ଯୋଗ ଓ ସଂସ୍କୃତି ଉପରେ ତାଙ୍କର ବକ୍ତୃତା ପ୍ରଦାନ କରିଛନ୍ତି । ବିଶ୍ୱଧର୍ମ ସମ୍ମିଳନୀରେ ପ୍ରବଚନ ଦେଇ ଉପସ୍ଥିତ ବିଶ୍ୱବଦ୍ୟ ବ୍ୟକ୍ତିମାନଙ୍କୁ ମୁଗ୍ଧ କରିଦେଇଥିଲେ । ତାଙ୍କ ଲିଖିତ ଶତାଧିକ ପୁସ୍ତକ ଏବେ ବିଶ୍ୱର ମୁମୁକ୍ଷୁ ସାଧକ ମାନଙ୍କୁ ମାର୍ଗଦର୍ଶନ ଦେଉଛି । ହିନ୍ଦୁ ଧର୍ମର ଜଣେ ପ୍ରବକ୍ତା ହୋଇଥିଲେ ମଧ ସବୁ ଧର୍ମକୁ ସମାନ ସମ୍ମାନ ପ୍ରଦର୍ଶନ କରି ଜଣେ ସର୍ବଜନପ୍ରିୟ ସନ୍ଥ ଭାବେ ସର୍ବତ୍ର ପରିଚିତ । ସେ ଅତ୍ୟନ୍ତ ଜଗନ୍ନାଥ ପ୍ରେମୀ ।

ଜଗନ୍ନାଥଙ୍କ ପ୍ରତି ତାଙ୍କର ଅହେତୁକ ଭକ୍ତି । ପୃଥିବୀର ଯେ କୌଣସି ପ୍ରାନ୍ତରେ ଥିଲେ ମଧ ଶ୍ରୀଜଗନ୍ନାଥଙ୍କ ବିଶେଷ ଉତ୍ସବ ମାନଙ୍କରେ ସେ ପୁରୀ ଫେରି ଆସି ପ୍ରଭୁଙ୍କ ଦର୍ଶନରେ ନିଯୁକ୍ତ ଥାଆନ୍ତି । ଗୋମାତା ବିଶ୍ୱ ଅର୍ଥନୀତିର ମୂଳ ଉତ୍ସ । ଗୋ ସମୃଦ୍ଧିରେ ବିଶ୍ୱର ସମୃଦ୍ଧି ଓ ସୁରକ୍ଷା । ତେଣୁ ଗୋ ସମ୍ପଦର ଉନ୍ନତି ପାଇଁ ବହୁ ଉନ୍ନତିମୂଳକ ପ୍ରକଳ୍ପ ହାତକୁ ନେଇ କାର୍ଯ୍ୟ କରୁଛନ୍ତି । ତାଙ୍କର ସଂକଳ୍ପ ଅଛି ଆଗାମୀ ଦିନରେ ଶ୍ରୀ ମନ୍ଦିର ନୀତିରେ ଲାଗୁଥିବା ସମସ୍ତ ଅଶୁଦ୍ଧ ଘୃତ ପରିହାର କରି କେବଳ ଶୁଦ୍ଧ ଗୋଘୃତରେ ନୀତି ବ୍ୟବସ୍ଥା ପାଇଁ । ଜଗନ୍ନାଥ ତାଙ୍କର ପ୍ରାଣ । ଆଜି ତାଙ୍କର ପବିତ୍ର ଜନ୍ମ ଉତ୍ସବ ଅବସରରେ ଆମେ ସମସ୍ତେ ଶୁଭକାମନା ଜଣାଇବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛୁ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ । ତାଙ୍କ ସତ୍ ସଙ୍କଳ୍ପରୁ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ । ଯେଉଁଠାରେ ଅସହାୟ ନିସହାୟ ପିଲାମାନଙ୍କୁ ସାରା ଓଡ଼ିଶାରୁ ଖୋଜି ଖୋଜି ଅଣାଯାଇ ବିଦ୍ୟାଳୟରେ ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ ।

# ପ୍ରଗତିର ବହୁ ଦୂରରେ ଆମେ ଓ ଆମ ସମାଜ

॥ ଗୋପାଳ ମହାପାତ୍ର ॥

ଏକଥା ସତ୍ୟ ଯେ କିଛି ଦଶନ୍ଧିମଧ୍ୟରେ ବିଜ୍ଞାନ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରାଯାଇପାରିଛି। କିନ୍ତୁ ଏହା ସତ୍ୱେ ପ୍ରଶ୍ନ ଉଠୁଛି ଯେ ମଣିଷର ପ୍ରଗତି କେତେ ବାସ୍ତବିକ ଏବଂ କେତେ ଭ୍ରାମକ। ପାଣି, ପବନ, ଜମି ଯାହା ଜୀବନର ସବୁଠାରୁ ବୁନିଆଦି ଆବଶ୍ୟକତା ସେ ସବୁର ସ୍ଥିତି ଅତ୍ୟନ୍ତ ଚି'ାଜନକ। ଯୁଦ୍ଧ ଏବଂ ଯୁଦ୍ଧାସ୍ତ୍ର ଏତେ ବିନାଶକ ହୋଇଛି ଯେ ସମୃଦ୍ଧ ଦେଶ କିଛି ବର୍ଷ ମଧ୍ୟରେ ପୁରାପୁରି ସ୍ଥିତିହୀନ ହୋଇପଡୁଛି। ଇରାକ, ସିରିଆ, ଲିବ୍ୟା, ଆଫଗାନିସ୍ଥାନ ଓ ୟମନ ଆଦି ଦେଶ ଏହାର ଉଦାହରଣ। ଏସବୁକୁ ଅଣଦେଖା କରାଯାଇପାରିବ ନାହିଁ। ଏବେ ରୁଷ-ୟୁକ୍ରେନ ଯୁଦ୍ଧ ଯେ କେତେ କ୍ଷୟକ୍ଷତି କଲାଣି ସେ ବାବଦରେ ଆକଳନ କରିବା କଷ୍ଟକର।

ଅନ୍ୟପଟେ ସାରା ବିଶ୍ୱରେ ଏବେ କେମିତି ଏକ ଡରିଯିବା ଭଳି ଅବସ୍ଥା ଦେଖାଦେଇଛି। ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଘୃଣା ବିଦ୍ୱେଶ ବଢିବାରେ ଲାଗିଛି। ସାରା ବିଶ୍ୱରେ ଭୋଗ-ବିଳାସର ସାଧନ ମଧ ବହୁତ ବଢିଯାଇଛି ଏବଂ ବିଶ୍ୱର ଅଧିକ ଭାଗ ଲୋକ ସେମାନଙ୍କର ମୂଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ସଂଘର୍ଷରତ ଅଥବା ଅସମର୍ଥ। ଏହି ଅବସ୍ଥା ଆଗକୁ ଆହୁରି ଜଟିଳ ହେବାର ଆଶଙ୍କା ମଧ ରହିଛି।

ଜଳବାୟୁ ପରିବର୍ତ୍ତନ ଜନିତ ଗମ୍ଭୀର ପରିବେଷର ସମସ୍ୟା ସାଙ୍ଗକୁ ମହାବିନାଶକ ଅସ୍ତ୍ରଶସ୍ତ୍ରର ଭଣ୍ଡାର ଏବଂ ମହାକାଶ ଯୁଦ୍ଧର ସମ୍ଭାବନା କାରଣରୁ ଭୂପୃଷ୍ଠ ବା ପୃଥିବୀର ଜୀବନଦାୟୀନୀ କ୍ଷମତା ସଙ୍କଟରେ ପଡୁଛି। ଏ ବାବଦରେ ଅନେକ ବିଶେଷଜ୍ଞ ଓ ବୈଜ୍ଞାନିକ ଅନେକବାର ଚେତାବନୀ ମଧ ଦେଇସାରିଲେଣି। ଏହା ସମକାଳୀନ ଦୁନିଆର ସବୁଠାରୁ ବଡ ସମସ୍ୟା। ଏଣୁ ଚଳିତ ଶତାବ୍ଦୀର ଇତିହାସ ବା ଚଳିତ ଦଶନ୍ଧିର ଇତିହାସକୁ ବାସ୍ତବିକ ପ୍ରଗତିର ଇତିହାସ ବୋଲି କୁହାଯାଇପାରିବନାହିଁ। ଏକଥା କୁହାଯାଇପାରେ ଯେ କିଛି ମାତ୍ରାରେ ବିକାଶ ଘଟିଛି। ୧୯୫୦ ରୁ ୧୯୬୦ ଦଶକକୁ ମୋଟାମୋଟି ଭାବେ ଭାରତର ପ୍ରଗତିର ଇତିହାସ କୁହାଯାଇପାରେ। ଇତିହାସ ଅନୁସାରେ ଅଶୋକଙ୍କ ଶାସନକାଳକୁ ଦେଖିଲେ କଳିଙ୍ଗ ଯୁଦ୍ଧର ପରିବର୍ତ୍ତି ସମୟକୁ ପ୍ରଗତିର କାଳ ବା ସମୟ କୁହାଯାଇପାରେ। କିନ୍ତୁ କଳିଙ୍ଗ ଯୁଦ୍ଧ ପୂର୍ବର କଥା କୁହାଯାଇପାରିବ ନାହିଁ। ଇତିହାସକୁ କିନ୍ତୁ ଏଭଳି ଦେଖିବା ବା ତର୍ଜମା କରିବା ଠିକ୍ ନୁହେଁ। ସମୟ ବିତିବା ସହ ପ୍ରଗତି ହୋଇଛି ବୋଲି କହିବା ମଧ ଠିକ୍ ନୁହେଁ। କୌଣସି ବି ସମୟ ଅବଧିର ତର୍ଜମା କରିବାକୁ ହେବ ଯେ ମୋଟାମୋଟି ଭାବେ ସେ ସମୟରେ ବାସ୍ତବିକ୍ ପ୍ରଗତି ହୋଇଛି ନା ନାହିଁ। ଏହି ତର୍ଜମା ହେବ କେମିତି ? ମୂଳତଃ ଏହି ତର୍ଜମା ଅନେକ ସ୍ତରୀୟ ହୋଇପାରେ।

ପ୍ରଥମତଃ ଏହି ସମୟ ଅବଧିରେ ସମତା (ସମାନତା) ଓ ନ୍ୟାୟ ବ୍ୟବସ୍ଥା ଠିକ୍ ଥିଲା ନା ନାହିଁ। ସାମାଜିକ-ଆର୍ଥିକ ସବୁ ସ୍ତରରେ ସମତା ଓ ନ୍ୟାୟ ଜରୁରୀ। ଆୟ, ସମ୍ପତ୍ତି, ଭୂମି, ଜାତି, ରଙ୍ଗ, ଲିଙ୍ଗ ଆଦି ସବୁ କ୍ଷେତ୍ରରେ ସମତା ଆବଶ୍ୟକ। ବିଷମତା କମ ହେବା ଆବଶ୍ୟକ ଓ ଅନ୍ୟାୟ ମଧ କମ୍ ହେବା ଆବଶ୍ୟକ। ଦ୍ୱିତୀୟତଃ ଗଣତନ୍ତ୍ର ଓ ପାରଦର୍ଶିତାର ସ୍ଥିତି ମଜଭୂତ ହୋଇଛି ନା ନାହିଁ। ଅହିଂସା ଏବଂ ଶାନ୍ତି ପାଇଁ ଲୋକଙ୍କ ପ୍ରତିବଦ୍ଧତା ବଢିଛି ନା ନାହିଁ। ଅନ୍ୟ ପକ୍ଷରେ ଭେଦଭାବ କମିଛି କି ନାହିଁ। ଏସବୁକୁ ଆଧାର କରି କୌଣସି ସମାଜର କୌଣସି ସମୟ ଅବଧିର ତର୍ଜମା କରାଗଲେ ନିରପେକ୍ଷ ଭାବରେ କୁହାଯାଇପାରିବ ଯେ ସେ ସମୟରେ ସମାଜ ପ୍ରଗତି କରିଛି ନା ଅବନତି ଆଡକୁ ଯାଇଛି। କିନ୍ତୁ ପ୍ରଗତି ବାବଦରେ ତର୍ଜମା କରାଯିବା ବେଳେ ଏସବୁପ୍ରସଙ୍ଗକୁ ଅଣଦେଖା କରାଯାଉଛି ଯେଉଁଥିପାଇଁ ସମସ୍ୟା ବଢିବାରେ ଲାଗିଛି। ଉପୁଜୁଥିବା ସମସ୍ୟାର ସମାଧାନର କ'ଣ ସମ୍ଭବ ନୁହେଁ? ଅନେକ ବିଶେଷଜ୍ଞ ଓ ବୈଜ୍ଞାନିକ ପୃଥିବୀର ଜୀବନଦାୟୀନି କ୍ଷମତା ପ୍ରତି ବିପଦ ସମ୍ପର୍କରେ ଅନେକବାର ଚେତାବନୀ ଦେଇଥିଲେ ମଧ ଶାସକ ଗୋଷ୍ଠୀ ଏସବୁ କଥାକୁ ଗୁରୁତ୍ୱ ଦେଉନାହାନ୍ତି।

ସମତା ଓ ନ୍ୟାୟ, ଶାନ୍ତି ଓ ଅହିଂସା, ଗଣତନ୍ତ୍ର ଓ ପାରଦର୍ଶିତା, ପରିବେଷ ତଥା ବିଭିନ୍ନ ଜୀବଜନ୍ତୁଙ୍କ ସୁରକ୍ଷା ବାବଦରେ ଯେତେ ଅଧିକ ସଚେତନତା ସୃଷ୍ଟି କରାଯିବ ତାହା ସମାଜ ପାଇଁ ସେତିକି ଲାଭପ୍ରଦ ହେବ। ଲୋକେ ସଚେତନ ହେଲେ ସମସ୍ୟାର ସମାଧାନ ପାଇଁ ଉତ୍ସାହର ସହ ଆଗେଇ ଆସିବେ। ଲୋକଙ୍କ ମନରେ ପରସ୍ପର ପ୍ରତି ବିଶ୍ୱାସ ଭାବ ଜାଗ୍ରତ ହେବ ଫଳତଃ ସମାଜରେ ହିଂସା, ବିଦ୍ୱେଷ ଓ ଘୃଣା ଭାବ କମିଯିବ। ଏହା ହୋଇପାରିଲେ ବାସ୍ତବିକ ଭାବେ ପ୍ରଗତି ହୋଇଛି ବୋଲି କୁହାଯାଇପାରିବ। ପ୍ରଗତି ପ୍ରସଙ୍ଗରେ ଯେଉଁ ଭ୍ରମ ସୃଷ୍ଟି କରାଯାଉଛି ଲୋକ ସଚେତନ ହେଲେ ସେଭଳି ଭ୍ରମ ସୃଷ୍ଟି କରିବା ମଧ ସମ୍ଭବ ହେବ ନାହିଁ ଯାହା ଏକ ଉତ୍ତମ ସାମାଜିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏଣୁ ଦେଖିବାକୁ ଗଲେ ଆମେ ଏବେ ବି ବାସ୍ତବିକ ପ୍ରଗତି ଠାରୁ ବହୁ ଦୂରରେ ରହିଛେ।

ରାମଚନ୍ଦ୍ରପୁର, ରଣପୁର, ମୋ- ୯୪୩୮୪୮୫୦୯୪

# ଭଦ୍ର ଶବ୍ଦରେ ବଳ ସଂଯୁକ୍ତ

॥ ଅଜୟ କୁମାର ବେହେରା ॥

ବଳ' ଅର୍ଥ ତାକତ, ଶକ୍ତି ମାନସିକ, ଶାରୀରିକ ବା ଦୈବିକ, ଭୌତିକ, ଦୈବିକ, ଆଧ୍ୟାତ୍ମିକ, ନ୍ୟାୟିକ, ସାମୁହିକ, ଯାନ୍ତ୍ରିକ, ଏମିତି କେତେ ବଳ ଉକ୍ତି ମାରନ୍ତି। ଲୋକବଳ ଯାହାକୁ ମ୍ୟାନପାୱାର କୁହାଯାଏ ତାହା କେବଳ ମମତା, ବନ୍ଧନରେ ରଖାଯାଇପାରେ। ମାତ୍ର ଏବେ ଅର୍ଥ ବିନିମୟରେ ଖୋଇବା, ପେଇବା, ଥୋପ ଦେଖାଇବା, ଭୟ ଦେଖାଇବାରେ ଲୋକବଳ ହାସଲ ହେଉଛି। ଲୋକଙ୍କୁ ଧର୍ମବଳ ଅଛି ଓ ମୁଁ ସେ ଧର୍ମବଳର ସନ୍ଧାନୀ ଅତଏବ ମୁଁ ଅଛି ତ ତୁମର। ତୁମ ମାନଙ୍କର ପରୱା କ'ଣ ? କଷ୍ଟ କ'ଣ ? ଏପରି ବିଦ୍ୟାବଳୟ, ଅର୍ଥବଳ, ପୋଷଣାହାରୀ ବଳ ବି ଉପଯୁକ୍ତି ସ୍ତରରେ ଯୋଗାଇ ଲୋକ ବଳ, ସଂଗ୍ରହ କରିହୁଏ। ନେତା ଭୋଟ ପାଉଛନ୍ତି ଲୋକ ବଳରେ ତେବେ କୌଣସି ନେତା ଶତକଡ଼ା ଶହେ ଲୋକ ବଳ ପାଇବା ସମ୍ଭବନା ନଥିବାରୁ ଭାଗ ଭାଗ କରି କାର୍ଯ୍ୟ ହାସଲ ଚିନ୍ତା ଏବେ ରାଜନୈତିକ ଦଳ ମାନଙ୍କର ମୁଣ୍ଡକୁ ଆସୁଛି।

ବଳକୁ ଭକ୍ଷକ ସାଜିବାକୁ ଓ ରକ୍ଷକ ସାଜିବାକୁ ପ୍ରୟୋଗ କରାଯାଏ। ପାହାଡ଼ ଫଟାଇବା ଭକ୍ଷକ ବଳ। ଗୃହ ନିର୍ମାଣ, ରାସ୍ତା ନିର୍ମାଣ ସେହି ପାହାଡ଼ ଫଟା ଟୁକୁଡା ପଥରରେ କରିବା ରକ୍ଷକ ବଳ। ଏକଦା ସମୁହ ବଳର ଚିନ୍ତନ ନଥିଲା ଏକୁଟିଆ ଲଢ଼େଇ କରିବାକୁ ସମସ୍ତେ ପ୍ରାଧାନ୍ୟ ଭାବୁଥିଲେ। ହେଲେ ଲୁକାଇତ ରହିଥିବା ଏପରି ବଳକୁ ଲୋକରେ ଯେ ଉଜ୍ଜିବୀତ କରିବାକୁ ସଂସାରକୁ ଆସିଲେ ସେ ହେଲେ ବଳ ସହିତ ଭଦ୍ର ଯୋଗ ମହାପୁରୁଷ। ସଂସାରରେ ଶାନ୍ତି ସ୍ଥାପନର ଉତ୍ସକୁ ବଢ଼ିବାର ଆଦି ଗୁରୁ ସେ। ଶକ୍ତିକୁ କେବଳ ସୃଷ୍ଟି ପାଇଁ ଶାନ୍ତିମାର୍ଗରେ ଲଗାଇବାର ପଦ୍ଧତିର ସେ ଆଚାର୍ଯ୍ୟ। ସେ ଜ୍ଞାନୀ ଅନନ୍ତ ଶକ୍ତି। ଅନନ୍ତ ଶକ୍ତି ସଂସାରକୁ ମୁଣ୍ଡେଇ ଧରିଛନ୍ତି ଏଇ ଭାବନା ସମସ୍ତଙ୍କ ମନରେ। ଅନନ୍ତ ଶକ୍ତି ହିଁ ବଳ ସଂଯୁକ୍ତ ଭଦ୍ର 'ବଳଭଦ୍ର' ।ସମୟ ଆଗକୁ ବଢ଼ିବ, ଏଥିରେ ସମୟ ନାୟକ ଯେ ହୋଇ ଖଳ ନାୟକ ମାନଙ୍କୁ ସାବାଡ଼ କରିବେ ତାଙ୍କୁ ନିରାପଦରେ ରକ୍ଷା କରିବାକୁ ହେବ। ଏ ହେଲା ଜ୍ଞାନୀ ଅନନ୍ତଙ୍କର ତତ୍କାଳ କାର୍ଯ୍ୟ ଯମୁନା, ଖହିଡ଼ା, ଉଜାଣି କୁହେ। ଡଙ୍ଗା ଚିହ୍ନ ତତ୍କାଳ ନାହିଁ ପଶାବାଟରେ ଯମୁନା ପାର ନ ହେଲେ ସଦ୍ୟଜନ୍ମ ଶିଶୁର ପ୍ରାଣରକ୍ଷା ଅସମ୍ଭବ ମନେ ହେଉଛି। ଶିଶୁଟିକୁ ଟୋକେଇରେ ଶୁଆଇ ମୁଣ୍ଡରେ ମୁଣ୍ଡାଇ ନଦୀ ପାର, ଉପରେ ଭୀଷଣ ବର୍ଷା ମାଡ଼ ହେଲେ ପ୍ରକୃତି ସମସ୍ତଙ୍କ ପାଇଁ କାମ କରିବ ତାର ସମୁହ ଶକ୍ତି ଲଗାଇ କାମ କରିବ ହେଲେ ବ୍ୟକ୍ତିଟିଏ କିନ୍ତୁ ମନବଳରେ ଚାଲିଛି। ଲୟ ପିଲାକୁ ବଞ୍ଚାଇବାକୁ ପଡ଼ିବ। ଅନନ୍ତ ନାଗ ଫଣା ଟେକି ପିଲାର ଉପରେ ବର୍ଷଣରୁ ରକ୍ଷା କରି ଚାଲିଛି। ଏ ସ୍ଥିତି ପିଲାକୁ ବହନ କରୁଥିବା ପୁରୁଷର ତତ୍କାଳ ଅଜ୍ଞାତ ଛତ୍ର ଧରିବା କାର୍ଯ୍ୟ ଅନନ୍ତ ନାଗଙ୍କ ଫଣା କରୁଛି। କାରଣ ଏହି ଶିଶୁ ହେବ ଛତ୍ରପତି। ଛତ୍ରପତିକୁ ଦଶ ଦିଗରୁ ରକ୍ଷା ଏଇ ଅନନ୍ତ ଶକ୍ତି କରିବେ। ତେବେ ଅନନ୍ତ ଶକ୍ତି ଆଗ ଜନ୍ମ ନ ହେଲେ ଅବତାର ପୁରୁଷ ଛତ୍ରପତିଙ୍କ ସହଯୋଗୀ କେମିତି ହେବେ ? ଗହ୍ମାପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣିମା ଶ୍ରବଣ ନକ୍ଷତ୍ରରେ ଚନ୍ଦ୍ର ସ୍ଥିତି, ଶ୍ରବଣରେ ଅଭିଜିତ୍ ସଂଯୁକ୍ତ। ଯାହା ମାଲିକ 'ବିଧି'। ବିଧିର ଏକ ଅର୍ଥ ବ୍ରହ୍ମା ହେଲେ ବି ପ୍ରକୃତ ନ୍ୟାୟଶାସ୍ତ୍ରର ନାମ ବିଧି ଶାସ୍ତ୍ର। ଯେ ନ୍ୟାୟରେ ସମସ୍ତେ ସହବସ୍ଥାନ ଶାନ୍ତିରେ କରିପାରନ୍ତି ତାହା ବିଧିଶାସ୍ତ୍ର ।ପଦେ ପଦେ ସେ ଯୁଗ ପୁରୁଷଙ୍କ ସହାୟକ କେମିତି ବୁଦ୍ଧିରେ ଲୋକଙ୍କୁ ସଂଗଠିତ କରି ଦଣ୍ଡଦାନ ଶକ୍ତିକୁ ଦମନ କରି ହେବ ଏଇ ଚିନ୍ତନରେ ରହି ସେ ଖାଲି ଗୋପରେ ନୁହଁ ମଥୁରାରେ ନୁହେଁ, ଦ୍ୱାରିକାରେ ନୁହଁ, ଏମିତି ଉତ୍କଳର କେନ୍ଦ୍ରାପଡ଼ା କନ୍ଦରାପଲ୍ଲୀ ପାହାଡ଼ ଗୁହାରୁ ହେଉଥିବା ଅନ୍ୟାୟ ଶାଗନରସେ ଲୋକ ସାଙ୍ଗରେ ମିଶି, ବଳଭଦ୍ର ହୋଇଛନ୍ତି। ଭଦ୍ର ଭାବରେ ସେ ହୀନ ଚକ୍ରାନ୍ତ ସ୍ୱାର୍ଥନ୍ୱେଷୀ ଲୋକ ଶୋଷଣ ଶକ୍ତିକୁ ହଟାଇଛନ୍ତି। ସେ ତାକତବାର ପ୍ରଳ ଦୈହିକ ଶକ୍ତି ସମ୍ପନ୍ନ ତେବେ ସେ ମାଂସାଶୀ ନୁହଁନ୍ତି। ସେ ଗଦା ମୁଦଗର ବିଦ୍ୟାର ମହାଗୁରୁ। ତାଙ୍କର ଶିଷ୍ୟ ଦୁର୍ଯ୍ୟୋଧନ ଯାହାଙ୍କୁ ସେ ୭୫ ଭାର ଓଜନ ଯାଏ ଗଦା ଉଠାଇ ତାକୁ ପ୍ରୟୋଗ କରାଇବା ଶିକ୍ଷା ଦେଇଥିଲେ ଲେ ଭଲ ଗୁରୁଙ୍କ ପାଖରୁ ବିଦ୍ୟା ଶିକ୍ଷା କରି ଦୁର୍ଯ୍ୟୋଧନ ଖଳ କାମ କଲେ ତେବେ ଯୁଗ ପୁରୁଷଙ୍କର ଇଙ୍ଗିତରେ ବଳରାମ ମହାଭାରତ ଯୁଦ୍ଧରେ ଅନନ୍ତ ଶକ୍ତିର ପରାକାଷ୍ଠା ଦେଖାଇ ନାହାଁନ୍ତି। ତତ୍କାଳ ପରିବ୍ରାଜକ ହୋଇ ଆସି ସେ ଉତ୍କଳବାସୀ ହୋଇ ରହିଛନ୍ତି। ଶ୍ରମଗୁରୁ କୃଷକଙ୍କ ଦେବତା ଏମିତି ଗୋ-ପାଳନରେ ପ୍ରେରଣଶ ଦାତା ଶ୍ରମର ଫଳ ହିଁ ସୁଖଦାୟୀ। ବଞ୍ଚ, ଭଦ୍ର ହୋଇ ମାତ୍ର ଅନ୍ୟାୟରେ ନ୍ୟାୟ ପକ୍ଷରେ ରୁହ। ଦୁର୍ବଳ ପାଇଁ ବଳଦାତା ହୋଇ ତାଙ୍କର ନାମକୁ ସାର୍ଥକ କର, ଏଇ ତାଙ୍କର ଚିନ୍ତାଧାରା। ବୋଲ ପ୍ରଭୁ ବଳଭଦ୍ରଙ୍କର ଜୟ ହେଉ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଅବ୍ୟବସ୍ଥା ଭିତରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ




ଦାନଗଦି, (ମହାଭାରତ)ଁ କେନ୍ଦ୍ର ସରକାର ଆଦିବାସୀ ଛାତ୍ରଛାତ୍ରୀ ମାନେ କିପରି ଭଲ ଭାବରେ ରହି ପାଠ ପଢି ଶିକ୍ଷିତ ହେବେ ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟ ମାନ ପ୍ରତିଷ୍ଠା କରିଛନ୍ତି। ସେ ବିଦ୍ୟାଳୟ ଗୁଡିକ ସଠିକ ଭାବେ ଚାଲିବା ପାଇଁ ମରାମତି ଓ ରକ୍ଷଣବେକ୍ଷଣା ପାଇଁ ବାର୍ଷିକ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି।ବାସ୍ତବରେ ଏହି ଟଙ୍କା କୁ ଦାୟିତ୍ୱ ରେ ଥିବା ଅଧିକାରୀ ଓ ସ୍ଥାନୀୟ ଠିକାଦାର କିପରି ମିଳିମିଶି ଲୁଟ କରି ନିରୀହ ଆଦିବାସୀ ପିଲାମାନଙ୍କୁ ହଇରାଣ ହରକତ କରି ପଲ୍ଲୀ ଅଞ୍ଚଳରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଡରାଇ ରଖୁଛନ୍ତି ତାର ଏକ ସତଦୃଶ୍ୟ ଆଜି ପଦାକୁ ଆସିଛି । ଦାନଗଦୀ ବ୍ଲକ ପଲ୍ଲୀ ଅଞ୍ଚଳ ଓଲ୍ଲଳ ପଞ୍ଚାୟତର ରାମ୍ପିଲୋ ଗାଁ ରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ରେ ଗତତିନି ଦିନ ହେବ କାଳ ବୈଶାଖୀ ପରେ ବିଦ୍ୟୁତ ନାହିଁ। ୨୦୦୮ ମସିହା ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ହଷ୍ଟେଲ ରେ ଷଷ୍ଠ ଶ୍ରେଣୀରୁ +୨ ପ୍ରଯ୍ୟନ୍ତ ୩୫୦ ଅନ୍ତେବାସୀ ରୁହନ୍ତି । ଏହି ଗ୍ରୀଷ୍ମ ଦିନ ପ୍ରବଳ ଖରାରେ ବିଦ୍ୟୁତ ନ ଥିବାରୁ ଅନ୍ତେବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଅନିଦ୍ରା ରହୁଛନ୍ତି। ଗରମରେ ପଙ୍ଖା ଚାଲୁନାହିଁ। ପାଠ ପଢା କଥା କିଏ ପଚାରେ। ପାଣି ସମସ୍ୟା ନ କହିବା ଭଲ ବାଳିକା ହଷ୍ଟେଲରେ ଗୋଟେ ନଳକୂଅରେ ଖରାରେ ଧାଡିରେ ଠିଆ ହୋଇ ପାଣି ମୁନ୍ଦେ ପାଇଁ ତହଳ ବିକଳ ହେଉଛନ୍ତି ଝିଅ ମାନେ। ସେମାନେ କୁହନ୍ତି ଦୁଇ ଦିନ ହେବ ଆମେ ଠିକ ରେ ଗାଧୋଇ ନାହୁଁ। ନିତ୍ୟକର୍ମ କରିବା ଠିକ ପରିବେଶ ନାହିଁ। ପାଠ ଠିକ ଭାବେ ପଢା ହେଉନାହିଁ। ଅସହ୍ୟ ଗୁଳୁଗୁଳି ରେ ଗୋଟେ ଗୋଟେ ଘରେ ତିରିଶ ଚାଳିଶ ପିଲା ଭିଡ଼ ରେ ବହୁତ କଷ୍ଟରେ ରହୁଛୁ। ଆମେ ଘରକୁ ପଳାଇବୁ। ଆଉ କଷ୍ଟ ସହି ଗରମ ସହି ରହିପାରିବୁ ନାହିଁ। ବାଳକ ହଷ୍ଟେଲ କଥା ନ କହିବା ଭଲ। ଦୁର୍ଗନ୍ଧ ରେ ଫାଟି ପଡୁଛି। ଭଙ୍ଗା କବାଟ ଝରକା ଖାଲି ରଙ୍ଗ ମାରି ମରାମତି ଅର୍ଥକୁ ଲୁଟ ହୋଇଥିବା ଜଳ ଜଳ ଦେଖା ଯାଉଛି। ପାଇଖାନା ରେ ପଶି ହେଉନାହିଁ। ବାନ୍ତି ଲାଗୁଛି। ଯିଏ ଯିବ ନାକରେ ରୁମାଲ ବାନ୍ଧି ଯିବାକୁ ପଡିବ। ଅନ୍ଧାର ପାଇଖାନା ଘର କବାଟ ଝରକା ନାହିଁ। ଅନ୍ଧୁ ଓ ନେଳି ଲାଗିଗଲାଣି। ବେମାର ହୋଇଗଲା ପରି ପରିବେଶ। ବେଡ଼ ଭାଙ୍ଗି ନଡ଼ିଆ କତା ବାହାରି ଗଲାଣି। ପିଲାମାନେ କହିବା କଥା ଆମେ ଆଦିବାସୀ ପିଲା ବୋଲି ଏହି ଗରମ ସମ୍ଭାଳି ବହୁତ କଷ୍ଟରେ ପଡ଼ିଛୁ। ଆଦିବାସୀ ପିଲା ହେଲେ ବୋଲି ତାଙ୍କୁ ଏପରି ଅବ୍ୟବସ୍ଥା ଭିତରେ ରଖିବା ପାଇଁ ଦାୟୀ ରହିବ କିଏ? ଅଂଶୁଘାତ ରେ ଯଦି କାହାର କିଛି ଅଘଟଣ ହୁଏ ଦାୟୀ ହେବ କିଏ?ପ୍ରଶ୍ନ ରେ ଅଧକ୍ଷ୍ୟ ଅମ୍ବିକା ପ୍ରସାଦ ପାଢ଼ୀ କୁହନ୍ତି ସେମିତି କିଛି ହେବ ନାହିଁ ଡ଼ି. ଜି. ଖରାପ ଅଛି ମରାମତି ଶୀଘ୍ର କରିଦେବୁ। ବାର୍ଷିକ ମରାମତି ପାଇଁ ତିରିଶ ଲକ୍ଷ ଆସୁଥିବା ଅଧକ୍ଷ କହୁଥିଲା ବେଳେ ଖାଲି ରଙ୍ଗ ମାରି ଏହା ଚଳୁ ହୋଇଥିବା କାମରୁ ଜଣା ପଡୁଛି। ଫାଟକ ପାଖରେ ଥିବା ଜଗୁଆଳିର ଘର ଭୂଇଁରୁ ଉଠୁନାହିଁ।। ଟଙ୍କା ଥିବା ବଡବଡିଆ ମାନେ ଚକଚକିଆ ଘରୋଇ ବିଦ୍ୟାଳୟ ହଷ୍ଟେଲ ପିଲା ମାନଙ୍କୁ ପାଠ ପଢ଼ାଉଥିବା ବେଳେ ଗରିବ ଆଦିବାସୀ ଛାତ୍ର ଛାତ୍ରୀ ମାନେ କପାଳ ରେ କର ଦେଇ ଭାଗ୍ୟକୁ ଆଦରି ଏହି ଦୁଃଖ କଷ୍ଟରେ ଆଉ କେତେଦିନ ଏହିଠାରେ ପଡିରହିବେ ତାହା ଦେଖିବାକୁ ବାକି ରହିଲା।

# ଅଙ୍ଗଦାନ କରି ଅମର ହୋଇଗଲେ ସଂଯୁକ୍ତା



ହାଟଡ଼ିହି, (ମହାଭାରତ) : କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ସଢ଼ା ଗ୍ରାମର ସଞ୍ଜୁକ୍ତା ପାତ୍ରଙ୍କ ମୃତ୍ୟୁ ପରେ ଅନ୍ୟର ଜୀବନ ବଞ୍ଚାଇବାକୁ ପରିବାର ଲୋକଙ୍କ ସହାୟତାରେ ତାଙ୍କର ୩ଟିଅଙ୍ଗ ଦାନ କରାଯାଇଛି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ମର ଶରୀରକୁ ଗାର୍ଡ ଅଫ ଅନର ଦିଆ ଯାଇ ସମ୍ମାନିତ କରାଯାଇଛି। ସୂଚନାରୁ ଜଣା ଯାଇଛି କି ସଢା ଗାଁର ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସଞ୍ଜୁକ୍ତା ପାତ୍ର(୫୦) ଗତ ଗୁରୁବାର ଦିନ ଶୌଚହେବାକୁ ଯାଇଥିବା ବେଳେ ବାଥରୁମ ଭିତରେ ଗୋଡ଼ ଖସିଯିବାରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମଙ୍ଗଳବାର ଦିନ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର ଲୋକେ ଅଙ୍ଗଦାନ ନିମନ୍ତେ ନିଷ୍ପତି ନେଇଥିଲେ। ଅଙ୍ଗଦାନ ଦ୍ୱାରା ଆଉ କାହାର ଆବଶ୍ୟକ? ତା ପୂରଣ ହୋଇପାରିବ ବୋଲି ପରିବାର ଲୋକେ ଚିନ୍ତା କରିବା ପରେ ସଞ୍ଜୁକ୍ତାଙ୍କ ଅଙ୍ଗଦାନ କରାଯାଇଥିଲା। ତେବେ ଏହା ଏକ ମହତ କାମ ଏବଂ ଏହାଦ୍ୱାରା ସମାଜକୁ ଅଙ୍ଗଦାନ କରିବାର ବାର୍ତ୍ତା ଯିବ। ଆଜି ସକାଳ ୧୦ଟା ବେଳେ ସଂଜୁକ୍ତାଙ୍କ ମର ଶରୀର ଭୁବନେଶ୍ୱରରୁ ଆସି ସଢା ଛକରେ ପହଞ୍ଚିବା ପରେ ଗାଁ ର ଶହଶହ ଯୁବକ ଏକ ବାଇକ ଶୋଭାଯାତ୍ରାରେ ସଂଯୁକ୍ତା ଅପା ଅମର ରହେ ଧ୍ୱନୀ ଦେଇ ଗାଁ ମୁଣ୍ଡ ହାଇସ୍କୁଲ ପଡିଆ ନିକଟକୁ ପାଛୋଟି ନେଇଥିଲେ। ସେଠାରେ ହଜାର ହଜାର ଗ୍ରାମବାସୀଙ୍କ ଗହଣରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ସୋରେନ, ଅତିରିକ୍ତ ଏସ.ପି ଏ. କୁଜୁରୁ, ଆନନ୍ଦପୁର ଉପଜିଲ୍ଲାପାଳ ଫାଲ୍ଗୁନୀ ମାଝୀ, ଏସ.ଡି.ପି.ଓ ପ୍ରଶାନ୍ତ କୁମାର ବେହେରା, ହାଟଡ଼ିହି ତହସିଲଦାର ହାବିଲ ଖାଖା, ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ, ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପଗୁଚ୍ଛ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କୁ ତାଙ୍କୁ ଗାର୍ଡ ଅଫ ଅନର ଦିଆ ଯାଇଥିଲା। ପରେ ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଗାଁ ସ୍ମଶାନ ରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସ୍ୱର୍ଗତ ସଂଯୁକ୍ତା ଶେଷକୃତ୍ୟ ବେଳେ ତାଙ୍କ ଦୁଇ ଝିଅ, ପୁତୁରା, ସ୍ୱାମୀ, ଦେଢଶୁର, ଓ ଅନେକ ବନ୍ଧୁ ପରିଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ




କଙ୍କଡ଼ାହାଡ, (ମହାଭାରତ) : ପରଜଙ୍ଗ ନିର୍ବାଚନ ମଣ୍ଡଳୀ ର ମହାବୀରରୋଡ ଠାରେ ବିଜେଡି ପକ୍ଷରୁ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ଡ଼ଃ ନୃସିଂହ ଚରଣ ସାହୁ ଯୋଗ ଦେଇଥିଲେ। ଆୟୁଜିତ ସଭାରେ ୩୦୦୦ରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ଯୁବ ସଭାପତି ତାପସ ପାଣି, କାର୍ଯ୍ୟକାରୀ ସଭାପତି ରାଜକିଶୋର ସାହୁ, କଙ୍କଡ଼ାହାଡ଼ ବ୍ଲକ ୧ନଂ ଜୋନ ସଦସ୍ୟ ନବ କିଶୋର ସାହୁ,୨ନଂ ଜିଲ୍ଲା ପରିଷଦ ରୀନା ହେସା,ପରଜଙ୍ଗ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ଯୋଗ ଦେଇଥିବା ବେଳେ ଆଗାମୀ ଦିନରେ କିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ରୂପେ ଦେଖିବା ସହ ବିଧାୟକ ଏବଂ ସାଂସଦ ପ୍ରାର୍ଥୀ ଙ୍କୁ ବହୁତ ଭୋଟ ରେ ଜିତେଇବା ସେ ନେଇ ଅତିଥି ମାନେ ଆହ୍ୱାନ ଦେବାକୁ କହିଥିଲେ। ଏବଂ ସରକାର ଙ୍କ ଜନକଲ୍ୟାଣ ଯୋଜନା ବିଷୟରେ ତୃଣ ମୂଳ ସ୍ତରରେ ସଚେତନତା କରିବା ପାଇଁ ପରାମର୍ଶ ଦେଇଥିଲେ। ତାସହ ନିର୍ବାଚନ ମଣ୍ଡଳୀ ର ପାଞ୍ଚ ଛ ଗୋଟି ପଞ୍ଚାୟତ ରୁ ଆସି ଡ଼ଃ ନୃସିଂହ ଚରଣ ସାହୁ ଙ୍କ ନିତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ବିଯୁଜନତା ଦଳରେ ଅନ୍ୟ ଦଳରୁ ଆସି ୧୦୦ ରୁ ଅଧିକ କର୍ମୀ ସାମିଲ ହେଲେ।କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେଡି ନେତା ରମେଶ ମିଶ୍ର, ଟିକମ ହାତୀ ପ୍ରମୁଖ ଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ଏହା ଛଡା ବ୍ଲକ ର ବିଭିନ୍ନ ପଂଚାୟତ ର ନିର୍ବାଚିତ ପ୍ରତିନିଧି ମାନେ ମଧ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

# ପ୍ରଦୂଷଣରେ ଭରା କଳିଙ୍ଗନଗର

ଯାଜପୁର, (ମହାଭାରତ) : ଓଡ଼ିଶା ରାଜ୍ୟ ମଧ୍ୟରୁ ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳ ଭିଟି ଭୂମି କହିଲେ ନସରେ। ମା' ବିରଜା ଙ୍କ ଜନ୍ମ ଭୂମି ନାମରେ ପରିଚିତ ଯାଜପୁର ଜିଲ୍ଲା, ଶିଳ୍ପ ନଗରୀ ର ପରିଚୟ ନେଇ ଗଢ଼ା ହୋଇଉଠିଛି କଳିଙ୍ଗନଗର, ଏଠାରେ ଜୀବନ ଜାପାନ କରୁଥିବା ମଣିଷର ଜୀବନର ଗତି ଅତି ଦୃଢ଼ ଓ ପ୍ରଖର ,କଳ କାରଖାନା ଠୁ ନେଇ ଖଣି ଖାଦାନରେ ଭାର କଳିଙ୍ଗନଗର। ଗାଡ଼ି ମୋଟର କୋଳାହଳ ସାଙ୍ଗକୁ କଳିଙ୍ଗନଗର ବାସୀଙ୍କ ଜୀବନ ସଂଗ୍ରାମ ତୀବ୍ର ଗତିରେ ବଢ଼ି ଚାଲିଥିବା ବେଳେ, ଧୁମ ଆବର୍ଜନା ଓ ଧୂଳିକଣା ପ୍ରଦୂଷଣ ବଳୟରେ ମିଶି ଗଢି ହୋଇଛି କଳିଙ୍ଗନଗର । ଏ ଅଞ୍ଚଳରେ ସୂର୍ଯ୍ୟ ଉଦୟ ହୋଇ ସୂର୍ଯ୍ୟ ଅସ୍ତ ହେବା ପର୍ଯ୍ୟନ୍ତ ଗଭୀର ଅନ୍ଧକାର ରାତ୍ରୀ ମଧ ସଭିଙ୍କ ଜୀବନରେ ଖେଳାଇଦିଏ ଶୋକର ଛାୟା,ମୁହୂର୍ତ୍ତ ମଧରେ ଘଟିଯାଏ କିଛିନା କିଛି ଅଘଟଣ , କାରଖାନାର ବିଷାକ୍ତ ଧୂଳି ଧୂଆଁ ସଭିଙ୍କ ଜୀବନକୁ କରାଏ ଅସନ୍ତୋଷ, କଳିଙ୍ଗନଗର ଅଞ୍ଚଳ ଏକ ବୃହତ ଶିଳ୍ପ ନଗରୀକୁ ବୁଝାଉଥିବା ବେଳେ, ଗାଡ଼ି ମୋଟର ସଂଖ୍ୟା ଦିନକୁ ଦିନ ଦୃତ ଗତିରେ ବୃଦ୍ଧି ହେବାକୁ ଲାଗି ରହିଛି। ବିକାଶ ଓ ବିକଶିତ ର ଅଞ୍ଚଳ ସଭିଏଁ କୁହନ୍ତି ଏ ଅଞ୍ଚଳକୁ, କଳିଙ୍ଗନଗର ବସୀ ଏ ଅଞ୍ଚଳରେ ରହି ସଦା ସର୍ବଦା ଅସନ୍ତୁଷ୍ଟ ପ୍ରକାଶ କରନ୍ତି, ସବୁକିଛି ଏ ଅଞ୍ଚଳରେ ଥାଇମଧ ସୁଖ ସମୃଦ୍ଧିର ସହରହି ଜୀବନ ଜାପାନ କରିବା ଏ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ଭବ ନୁହେଁ, ପ୍ରତିଟି ମୁହୂର୍ତ୍ତକରେ ମରଣାତ୍ମକ ଜୀବନ ବିତାଉଥାନ୍ତି ଏ ଅଞ୍ଚଳର ବାସୀ,କାରଖାନାର ଶବ୍ଦ ଏଠି ସ୍ତବ୍ଧ କରିଦିଏ ସଭିଙ୍କୁ। ୨୦ରୁ ଉର୍ଦ୍ଧ କାରଖାନା ଓ ଜାନବହାନର ବୃଦ୍ଧି ପାଇବା ଫଳରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଶିକାର ହୋଇ ଜନ ଜୀବନ ହାନି ହେବାସହ ଦୁର୍ଘଟଣା ଘଟିଜାଏ ,ଦୁର୍ଘଟଣା ଦେଖିଲେ ଏ ଅଞ୍ଚଳବାସୀ ଭୟଭୀତ ହୋଇପଡନ୍ତି, ସବୁକିଛି ଏ ଅଞ୍ଚଳରେ ଥାଇ ମଧ ଏ ଅଞ୍ଚଳ ବାସୀ ଅତି ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରନ୍ତି । ପ୍ରଦୂଷିତ ରୁ ମୁକି ପାଇବାପାଇଁ ସଂଗ୍ରାର୍ଷ କଲେ ମଧ ପ୍ରଦୂଷଣର ବଳୟରେ ରହି ଜୀବନ ଓ ଜୀବିକା ନିର୍ବାହୀ କରନ୍ତି,କାରଖାନାର ବିଷାକ୍ତ ଧୂଳି ଧୂଆଁ କରେ ଚାଷୀର ଚାଷଜମି ନଷ୍ଟ ଭ୍ରଷ୍ଟ। ଏ ଅଞ୍ଚଳରେ ଚାଷ କରି ସଭିଙ୍କ ପେଟର ଦାନା ମୁଠେ ଦେବା ଚାଷୀଙ୍କୁ ଦିଏ କଷ୍ଟ ଦାୟକ ।

# ବିଜେପିରେ ମିଶିଲେ ୩ ଶହରୁ ଉର୍ଦ୍ଧ୍ୱ କର୍ମୀ

ବାଲିପାଟଣା, (ମହାଭାରତ) : ଜୟଦେବ ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ବର୍ତ୍ତମାନର ବିଧାୟକ ଅରବିନ୍ଦ ଢ଼ାଲି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଙ୍କୁ ଧରି ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି ! କିନ୍ତୁ ସବୁଠାରୁ ବଡ ଚର୍ଚ୍ଚାର ବିଷୟ ଶ୍ରୀଯୁକ୍ତ ଢାଲି ବିଜେଡି ଛାଡି ବିଜେପିରେ ସାମିଲ ହେବା ପରେ ପ୍ରତିଦିନ ସକାଳୁ ବିଜେପି ନେତା ଅରବିନ୍ଦ ଢ଼ାଲିଙ୍କ ବାସ ଭବନରେ ହଜାର ହଜାର ସଂଖ୍ୟାରେ ଅସନ୍ତୁଷ୍ଟ ବିଜେଡି କର୍ମୀ ମୋଦୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜେପି ଦଳରେ ମିଶୁଛନ୍ତି ।ଏହି ଅବସରରେ ଆଜି ବାଲିପାଟଣା ବ୍ଲକ ତୁରିନ୍ତିରା ଓ ନରିଶୋ ପଞ୍ଚାୟତର ୩ ଶହରୁ ଉର୍ଦ୍ଧ୍ୱ ଅସନ୍ତୁଷ୍ଟ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ସେମାନେ ଢ଼ାଲିଙ୍କ ଉପରେ ଭରସା କରି ତଥା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି,ସାଂସଦ ଅପରାଜିତା ଷଡଙ୍ଗୀଙ୍କ ନୂତନ ଭାରତ ଗଠନ ରେ ନିଜକୁ ସାମିଲ କରି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟ ମାନଙ୍କ ମଧରେ ଜଗନ୍ନାଥ ବେହେରା, କୈଳାସ ଚନ୍ଦ୍ର ସେଠୀ , ରଶ୍ମିରଞ୍ଜନ ପଣ୍ଡା, ରଞ୍ଜିତ ଜେନା, ଲକ୍ଷ୍ମଣ ଭୋଇ , ଆର୍ତ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀର୍ଘ ପାଞ୍ଚ ବର୍ଷ ବିତିଗଲାପରେ ମଧ୍ ଏନ.ଜି.ଟିର ପାଞ୍ଚୋଟି ନେର୍ଦ୍ଦେଶକୁ କାର୍ଯ୍ୟକାରୀ କଲା ନାହିଁ ରେଳ ବିଭାଗ :ସୁକିନ୍ଦା ରେଳ ସାଇଡି ପ୍ରଦୂଷଣ ମାମଲା

ଦାନଗଦୀ, (ମହାଭାରତ) : ସରକାରୀ ବାବୁ ମାନେ ଟଙ୍କା ମାୟା ରେ ବାୟା ହେଲେଣି, ଦୁଧିଆଳୀ ଗାଈ ମିଳିଲେ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ କାଗଜକଲମ ରେ ସି. ଟି. ଓ ଦେଇ ଦେଉଛନ୍ତି ବୋଲି ଲୋକ ମାନେ ଅଭିଯୋଗ କରୁଛନ୍ତି। ଏପରି ଏକ ଖବର ଏବେ କଳିଙ୍ଗନଗର ସାରା ଚର୍ଚ୍ଚା ଚାଲିଛି : ସୁକିନ୍ଦା ରୋଡ ରେଳ ସାଇଡିରେ ବ୍ୟାପକ ବାୟୁ ଓ ଜଳ ପ୍ରଦୂଷଣ ଘଟଣା ଦୀର୍ଘ ଦିନ ହେବ ବାରମ୍ବାର ଅଭିଯୋଗ ହେଉଛି, ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ ପ୍ରଯ୍ୟନ୍ତ ୨୦୨୦ ମସିହା ସେପ୍ଟେମ୍ବର ୯ ରେ ଶୁଣାଣି ହୋଇଥିଲା, ମାତ୍ରାଧିକ ପ୍ରଦୂଷଣ ର ସତ୍ୟତା କୁ ଅନୁଭବ କରି ଏନ. ଜି. ଟି. ପାଞ୍ଚଟି ସର୍ତ୍ତ ଶୀଘ୍ର ପାଳନ କରି ସାଇଡିଙ୍ଗ ଚଳାଇବା ପାଇଁ କହିଥିଲେ ଓ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଅଧିକାରୀ ଦୁଇ ମାସ ମଧ୍ୟ ରେ ରିପୋର୍ଟ ଦେବାକୁ କହିଥିଲେ, ଶୁଣାଣୀ କୁ ପାଞ୍ଚ ବର୍ଷ ହେଲା ତାଙ୍କର ପାଞ୍ଚଟି ସର୍ତ୍ତ ଥିଲା । ଏକରେ ରେଳ ସାଇଡଙ୍ଗ ରେ ବଡ଼ ପାଚେରୀ ଓ୍ୱିଇଣ୍ଡ ସ୍କିନ ଓ୍ୱାଲ ନିର୍ମାଣ, ତାହା ଏ ପ୍ରଯ୍ୟନ୍ତ ହୋଇ ନାହିଁ, ଦ୍ୱିତୀୟ ରେ ଗୁଣ୍ଡ ମାଲ ପରିବହନ ଓ ଖାଲସ ପାଇଁ ସାଇଡଙ୍ଗ ରେ ଛାତ ନିର୍ମାଣ ତାହା ମଧ୍ୟ ଏ ପ୍ରଯ୍ୟନ୍ତ ହୋଇନାହିଁ, ତୃତୀୟ ରେ ସାଇଡଙ୍ଗ ଭିତର ବାହାର ପ୍ରଯ୍ୟାପ୍ତ ସବୁଜିମା ସୃଷ୍ଟି, ତାହା ମଧ୍ୟ ହୋଇନାହିଁ, ଚତୁର୍ଥରେ ସ୍ୱତନ୍ତ୍ର ବଡ଼ ଡ୍ରେନ ନିର୍ମାଣ, ତାହା ଠିକ ସେ ହୋଇନାହିଁ, ପଞ୍ଚମ ରେ ଆମ୍ବିଏ ଣ୍ଟ ଏୟାର କ୍ୱାଲିଟି ମନିଟରିଂଙ୍ଗ ତାହା ମଧ୍ୟ ଠିକ ଭାବ ରେ ହୋଇ ନାହିଁ। ଏ ସବୁ ର ଦୁଇ ମାସ ମଧ୍ୟ ରେ ପାଳନ ହେବା କଥା, କିନ୍ତୁ ଆଜି କୁ ଦୁଇ ବର୍ଷ ଚାଲିଲା। ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ କି ରିପୋର୍ଟ ଦେଲେ, ରାଜ୍ୟ ପ୍ରଦୂଷଣ ଅଧିକାରୀ କି ରିପୋର୍ଟ ଦେଉଛନ୍ତି, ଖୁଲ୍ଲମ ଖୁଲା ଆଇନ କୁ ଭାଙ୍ଗି ପ୍ରଦୂଷଣ ଚାଲିଛି, ବାର୍ଷିକ ଏ ରେଳ ସାଇଡଙ୍ଗ ୧୮୫୪୭ ମେଟ୍ରିକ ଟନ ଖଣିଜ ପଦାର୍ଥ ସେତେବେଳେ ଖାଲି ହେଉଥିବା ବେଳେ ଏବେ ଆହୁରି କିଛି କମ୍ପାନୀ ଯଥା ହମ୍ବଙ୍ଗ ସିମେଣ୍ଟ, ଇମାମୀ ସିମେଣ୍ଟ ର କ୍ଲିଙ୍କର ଗୁଣ୍ଡ ଖାଲି ହୋଇ ବାୟୁ ପ୍ରଦୂଷଣ ର ମାତ୍ରା ବଢିଛି, ଏ ବର୍ଷ ପ୍ରଦୂଷଣ ହେଉଛି ବୋଲି ଆଞ୍ଚଳିକ ଅଧିକାରୀ ନୋଟିସ କରିଥିଲେ। ବାରମ୍ବାର ମହିଳା ମାନେ ମଧ୍ୟ ଅଭିଯୋଗ ପ୍ରଶାସନ କୁ କରିଛନ୍ତି, ଏହି ରେଳ ସାଇଡିଙ୍ଗ ନିକଟକୁ ଲାଗି ସୁଆଁଳ, ଗୁଳାସାହି, ବେହେରା ସାହି, ମୁଣ୍ଡା ସାହି, ନୀଳପଦା ସାହି, ଜିରୋ ମିଟର ରେ ଜନ ବସତି, ଅଙ୍ଗନ ବାଡ଼ି କେନ୍ଦ୍ର, କୂଅ, ଦୀର୍ଘ ପାଞ୍ଚ ବର୍ଷ ରେ ଶତାଧିକ ଲୋକ ଯକ୍ଷମା, କୀଡୀନ ଆଦି ବାୟୁ ବାହିତ ରୋଗ ରେ ଭେଣ୍ଡିଆ ଯୁବକ ମାନେ ମଲେଣି, ଯୁବତୀ ମାନେ ବିଧବା, ଗୁଳା ସାହି ପୁରୁଷ ଶୂନ୍ୟ ହେଲାଣି, ଅନାଥ ପିଲାମାନେ ଧୂଳି ଧୂଆଁ ରେ ଅଣ ନିଶ୍ୱାସୀ ହେଲେଣି, ଖାଲି କାଗଜ ପତ୍ର ରେ ଚାଲିଛି ପ୍ରଦୂଷଣ ନିୟନ୍ତ୍ରଣ, ବାରମ୍ବାର ମହିଳା ମାନେ ଲିଖିତ ଅଭିଯୋଗ କରୁଛନ୍ତି, ବିଦ୍ୟାଳୟ ଅଙ୍ଗନ ବାଡ଼ି ପାଖରେ ଏସବୁ ବେଆଇନ କାର୍ଯ୍ୟ କାହା ସ୍ୱାର୍ଥ ରେ ଚାଲୁଛି ତାହା ପ୍ରଶ୍ନ ଉଠେ ସତରେ ଆଇନ ହୋଇଛି କଣ ଭାଙ୍ଗିବା ପାଇଁ? ପ୍ରଦୂଷଣ ନିୟନ୍ତ୍ରଣ ସର୍ତ୍ତାବଳୀ ର ଖୋଲା ଉଲ୍ଲଘନ ହେଉଛି, ଅଧିକାରୀ ମାନେ କାହା ସ୍ୱାର୍ଥ ରେ ବା ଚାପ ରେ ବଞ୍ଚି ଥାଉଁ ଥାଉଁ କୋଇଲା ଓ ଧୂଳି ଗୁଣ୍ଡ ରେ ଲୋକଙ୍କୁ ସମାଧି ଦେଉଛନ୍ତି, ଆଇନ କଣ ତା ବାଟ ଜୀବନାହିଁ, ଜିରୋ ମିଟର ପାଖରେ ଅଙ୍ଗନବାଡି କେନ୍ଦ୍ର କୋଡିଏ ମିଟର ଦୂରରେ ବିଦ୍ୟାଳୟ ଓ ଜଣ ବସତି ସବୁ କୁ ଜାଣି ପ୍ରଦୂଷଣ ବିଭାଗ ଆଖି ବୁଜି ବାର କାରଣ କଣ, ରେଳ ବିଭାଗ କୋଟି କୋଟି ଟଙ୍କା ଆୟ କରି ପୁରସ୍କାର ପାଉଛି ସୁକିନ୍ଦାସାଇଡ଼ ଙ୍ଗ ପାଇଁ, ଲୋକଙ୍କ ପାଇଁ କରୁଛି କଣ ? ଏଠାରେ ମୁଦ୍ରା ରାକ୍ଷ୍ୟସ ଙ୍କ କବଳ ରେ କବଳିତ ସାଧାରଣ ଜନତା, ଦେଖାଯାଉ ବାସ୍ତବ ରେ ସତ କଣ ମିଛ କଣ ସମସ୍ତେ ଜାଣିବା ଦରକାର, ଏନ. ଜି. ଟି., ପ୍ରଦୂଷଣ ବିଭାଗ କାହା ଚାପ ରେ ବନ୍ଧା, କାହିଁକି କାର୍ଯ୍ୟନୁଷ୍ଠାନ ନେଉନାହାନ୍ତି,କେତେ ଦିନ ବଞ୍ଚି ଥାଉଁ ଥାଉଁ ଧୂଳି କୋଇଲା ଗୁଣ୍ଡ ରେ ଲୋକ ମାନଙ୍କୁ ସମାଧି ଦେଉଥିବେ ସରକାର ତାହା ଦେଖିବାକୁ ବାକି ରହିଲା।

# ବରିଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ସଚ୍ଚି ଦାସଙ୍କ ପରଲୋକ

ବରୀ,(ମହାଭାରତ): ଓଡିଆ ଚଳଚିତ୍ର ଧାରାବହିକ ଜଗତର ପ୍ରଖ୍ୟାତ ଅଭିନେତା ଓ ଯାତ୍ରା ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ସଚ୍ଚି ଦାସଙ୍କର ଆଜି ଦିନ ପ୍ରାୟ ସାଢେ ୯ ଟାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ଏହି ଖବର ଜଣା ପଡିବା ପରେ ତାଙ୍କ ଜନ୍ମ ସ୍ଥାନ ବରୀ ସହିତ ସମଗ୍ର ରାଜ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶେଷ କରି ରାଜ୍ୟର ସମସ୍ତ କଳାକାର ଓ ଅଗଣିତ ଦର୍ଶକଙ୍କୁ ଏହି ଖବର ବ୍ୟଥିତ କରିଛି। ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ ପିଲା ବେଳୁ କଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା। ବୟସ ବଢିବା ସହିତ ସେ କଳା ଜଗତରେ ନିଜକୁ ବେଶ ପ୍ରତିଷ୍ଠିତ କରିଥିଲେ। ରାଜ୍ୟର କଳାକାରଙ୍କ ମଧରେ ତାଙ୍କ ପ୍ରତି ଗଭିର ଶ୍ରଦ୍ଧା ଓ ସମ୍ମାନ ରହିଥିଲା। ସେ ବିଭିନ୍ନ ଚଳଚିତ୍ର , ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ ବେଶ ସୁନାମ ଅର୍ଜନ କରିଥିଲେ। ବିଶେଷ କରି ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶକ ଭାବେ ସେ ବେଶ୍ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶନା ରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟତା ହୋଇ ପ୍ରଶଂସା ସାଉଁଟି ଥିଲା ବେଳେ ତାଙ୍କ ନିର୍ଦ୍ଦେଶନାରେ ଶାଗୁଣା ବସିଛି ଡେଣା ମେଲାଇ ନାଟକ ବେଶ୍ ସଫଳ ଓ ଲୋକପ୍ରିୟ ହୋଇଥିଲା। କଟକ ରୁ ତାଙ୍କ ମର ଶରୀର ବରୀ ଅନନ୍ଦପୁର ସ୍ଥିତ ବାସ ଭବନକୁ ଅଣାଯାଇ ନିଜ ପୈତୃକ ସ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣା ଯାଇଛି। ମୃତ୍ୟୁ ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱ ରଞ୍ଜନ ମଲିକ, ଯାଜପୁର ଲୋକସଭା ବିଜେପି ପ୍ରାର୍ଥି ଡଃ ରବିନ୍ଦ୍ର ନାରାୟଣ ବେହେରା ,ଡଃ ରାଜକିଶୋର ପଣ୍ଡା ସ୍ଥାନୀୟ ସରପଂଚ ମାନସ ଜେନା ପ୍ରାକ୍ତନ ସରପଂଚ ବିଜୟ କୁମାର ସାହାଣୀ, ଫକିର ଚରଣ ସିଂ ପ୍ରମୂଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ।

# ଗଣ୍ଡାନାଳରେ କାରଖାନାର ବର୍ଜ୍ୟଜଳ ମରି ଭାସିଲେ ଗଦା ଗଦା ମାଛ



ଦାନଗଦୀ, (ମହାଭାରତ) : କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁତ ଗୁଡିଏ ବୃହତ କଳକାରଖାନା ସ୍ଥାପନ ପରେ ଶିଳ୍ପକୁ ଲାଗି ରହିଥିବା ଗାଁ ଗୁଡିକର ବାୟୁ ଜଳ ସମ୍ପୂର୍ଣ ପ୍ରଦୂଷଣ ରେ ବିଷ ହୋଇଯାଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଆଜି ମଙ୍ଗଳପୁର ପଞ୍ଚାୟତରେ ରୁଙ୍ଗୁରୁଙ୍ଗା ଗାଁ ବାସୀ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ତାହା ସହ ବଡ଼ ଦୁଃଖ ଓ ଚିନ୍ତାରେ ଅଛନ୍ତି। ଗ୍ରାମବାସୀଙ୍କ କହିବା କଥା ଦାନଗଦି ସୁକିନ୍ଦା ବ୍ଲକ ସୀମାନ୍ତ ରେ ଥିବା ମହାଗିରି ପର୍ବତରୁ ଯେଉଁ ଝରଣା ସବୁ ବାହାରି କୁସୁନୁପୁର ଗଣ୍ଡା ଦେଇ ଜୋକଡିଆ ନଦୀରେ ମିଶିଛି ସେଇ ଗଣ୍ଡା ନାଳ ଆମ ପଞ୍ଚାୟତର ନୂଆଁଗାଁ। ରୁଙ୍ଗୁରୁଙ୍ଗା। ବାଲୁଙ୍ଗାବନ୍ଦୀ ଦେଇ ଯାଇଛି। ବର୍ଷା ଦିନେ ଗଣ୍ଡାନାଳ ଜଳ ପୂର୍ଣ୍ଣ ହୋଇଯାଉଥିବାରୁ କାରଖାନା ପାଣି ଛାଡିଲେ ଜଣା ପଡେ ନାହିଁ। ଦିନକୁ ଦିନ ଚିରସ୍ରୋତା ଗଣ୍ଡା ନାଳ କ୍ଷୀଣସ୍ରୋତା ହେବା ।ଳରେ ଖରାଦିନେ ଜଳ ସୁଖୀକମି ଯାଇଛି। ଏହି ସମୟରେ ଗତକାଲି ରାତିରେ ନୀଳାଚଳ। ଟାଟା। ଜିନ୍ଦଲ କି ଭିସା କେଉଁ କାରଖାନା ନିଶ୍ଚିତ ଭାବେ କେମିକାଲ ମିଶା ପାଣି ଛାଡ଼ିଛି। ତେଣୁ ସକାଳୁ ସକାଳୁ ମାଛ ମରି ପାଣିରେ ଭାସୁଛନ୍ତି। ସମ୍ପୂର୍ଣ ଗଣ୍ଡା ପାଣିର ରଙ୍ଗ ଲାଲ ହୋଇଯାଇଛି ତେଲିଆ ଦେଖା ଯାଉଛି। କେଉଁ ପୁରୁଣା କାଳରୁ ଥିବା ଏହି ଗଣ୍ଡା ନାଳ ଉପରେ ଆଖପାଖର ଶହ ଶହ ଚାଷୀ। ଗ୍ରାମବାସୀ ନିର୍ଭର କରି ଚାଷ କରିବା ସହ ଗାଧୁଆ ପାଧୁଆ କରୁଥିବା ବେଳେ ଏହି କାରଖାନା ପାଣି ଛାଡ଼ିବା ଦିନ ଠାରୁ ଗାଈ। ଛେଳି ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି। ଚାଷରେ ପାଣି ମଡ଼ାଇଲେ ଚାଷ ଉଜୁଡି ଯାଉଛି। ଏହି ଗଣ୍ଡା ପାଣିରେ ଗାଧୋଇଲେ କୁଣ୍ଡାଇ ହୋଇ ଚର୍ମ ରୋଗ ହେଉଛି। ତେଣୁ ଗ୍ରାମବାସୀ ମାନେ ବହୁତ ଚିନ୍ତାରେ ପଡିଲେଣି ଯେଉଁଠି କି ଚାରି ପାଞ୍ଚ କିଲୋ ଓଜନର ମାଛ ମରି ଭାସୁଛନ୍ତି। ସେ ପାଣିରେ ଛୋଟ ପିଲାମାନେ ଗାଧୋଇଲେ ଅବସ୍ଥା କଣ ହେବ? ଏହି ଘଟଣା କୁ ନେଇ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଫିସରେ ପ୍ରତିକ୍ରିୟା ନେବା ପାଇଁ ଯିବାରୁ ସେଠାରେ ଅଧିକାରୀ ଛୁଟିରେ ଥିଲେ। ତାଙ୍କ ଦାୟିତ୍ୱ ରେ ଥିବା ବାବୁଙ୍କୁ ଫୋନରେ ପଚାରିବାରୁ ସେ କହିଲେ ମୁଁ ଏ ଖବର ଆପଣଙ୍କ ଠାରୁ ଶୁଣିଲି। କଣ ହୋଇଛି । ବିଲଡ ପରିଦର୍ଶନ କଲା ପରେ କହିବି। ଏପରି ଜଳ ପ୍ରଦୂଷଣ କୁ ରୋକିବା ସହ ବାସ୍ତବ ରେ ଯଦି ଏହା ଉପରେ କଡା କାର୍ଯାନୁଷ୍ଠାନ ନ ହୁଏ ଆଗାମୀ ଦିନରେ ଜନ ଅସନ୍ତୋଷ ଆନ୍ଦୋଳନ ର ରୂପ ନେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ରାସ୍ତାରେ ଜଳିଗଲା କାର

ଢେଙ୍କାନାଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ମହାବିରୋଡ଼ ଥାନା ତୋରଡ଼ାନାଳୀ ଗାଁ ନିକଟରେ ଜଳିଗଲା କାର। ଅଳ୍ପକେ ବର୍ତ୍ତିଲେ ୪ଜଣ ଯାତ୍ରୀ। କାରରେ ସର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଆଜି ସକାଳେ ଟାଟା ଇଣ୍ଡିଗୋ କାରଟି ତୋରଡ଼ାନାଳୀ ଗାଁରୁ ଯାତ୍ରୀ ନେଇ କୁଟୁରିଆ ପଞ୍ଚାୟତ ଅନ୍ତର୍ଗତ ମା ବିଲେଇଶୁଣିଙ୍କ ଶକ୍ତି ପୀଠକୁ ଯାଉଥିଲା। ହଠାତ କାରରୁ ଧୂଆଁ ବାହାରିବାରୁ ଗାଡ଼ି ଚାଳକ ଗାଡ଼ିରୁ ଯାତ୍ରୀଙ୍କୁ ବାହାର କରିଦେଇଥିଲେ। କ୍ଷଣକ ଭିତରେ କାରଟି ଜଳି ପାଉଁଶ ହୋଇ ଯାଇଥିଲା। ଏନେଇ ଖବର ପାଇ କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ କାହାର କିଛି କ୍ଷତି ହୋଇନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଗାଡ଼ି ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୪ଜଣ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି।

# ଦମକଳ କେନ୍ଦ୍ରରେ ପ୍ରତିଷ୍ଠା ହେଲା ତ୍ରିନାଥଙ୍କ ଭବ୍ୟ ମନ୍ଦିର



ଅସ୍ତରଙ୍ଗ,(ମହାଭାରତ): ମହାଭାରତ -ଅସ୍ତରଙ୍ଗ କାକଟପୁର ମଲାମାଛ ନିକଟରେ ରହିଛି ବହୁ ପୁରାତନ ଦମକଳ କେନ୍ଦ୍ର, ବନ୍ୟା, ବାତ୍ୟା, ପ୍ରାକୃତିକ ଦୁର୍ବିପାକ, ଅଗ୍ନି କାଣ୍ଡ ପ୍ରତ୍ୟେକ ପରିସ୍ଥିତି ରେ ନିଜ ଜୀବନ କୁ ବାଜି ଲଗାଇ ଏମାନେ ଅନ୍ୟ ମାନଙ୍କ ଜୀବନ କୁ ବଞ୍ଚାଇବାକୁ ସଂଗ୍ରାମ କରନ୍ତି ଆଉ କେବଳ ଜୀବନ ନୁହେଁ ସେମାନଙ୍କ ଧନ ଜୀବନ କୁ ସୁରକ୍ଷା ମଧ୍ୟ ଦିଅନ୍ତି। କିନ୍ତୁ ଏମାନଙ୍କ ସୁରକ୍ଷା ପାଇଁ କେହି କେବେ ଚିନ୍ତା କରିନାହାନ୍ତି। କେବଳ ଈଶ୍ୱର ହିଁ ଭରସା ଏମାନଙ୍କ ପାଇଁ। ସେଥିପାଇଁ ଏହି କେନ୍ଦ୍ର ରେ ଏକ ତ୍ରିନାଥ ଙ୍କ ଫୋଟୋ କୁ ପୂଜା କରିଆସୁଥିଲେ ଏମାନେ, ଯେଉଁଠି ଯେଉଁ କାମ ରେ ଯାଉଥିଲେ ସେହି ତ୍ରିନାଥ ଙ୍କୁ ନିଜ ଇଷ୍ଟ ଭାବି କାମ ରେ ବାହାରି ଯାଉଥିଲେ। କାଳକ୍ରମେ ନିଜ ଇଷ୍ଟ ଦେବତା ଙ୍କ ପାଇଁ ଏକ ଭବ୍ୟ ମନ୍ଦିର ର ନିର୍ମାଣ କରିବା ସଂକଳ୍ପ କରି ନିଜ ନିଜ ଦରମା ରୁ କିଛି କିଛି ଅର୍ଥ ଆଦାୟ କରି ଏହି ସ୍ଥାନ ରେ ଆଜି ଏକ ଭବ୍ୟ ମନ୍ଦିର ନିର୍ମାଣ କରିବା ସହିତ ପ୍ରଭୁ ତ୍ରିନାଥ ଗୋସେଇଁ ଙ୍କ ପ୍ରାଣ ପ୍ରତିଷ୍ଠା କରିଛନ୍ତି। ବୈଦିଜ୍ଞ ପଣ୍ଡିତ ଙ୍କ ଦ୍ୱାରା କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ଗ୍ରହ ମଣ୍ଡଳ ସ୍ଥାପନ, ଭାଗବତ ପୂଜା, ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଇଛି, ପାଖାପାଖି ଆଞ୍ଚଳିକ ଗ୍ରାମବାସୀ ମାନେ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ଅନେକ ସହଯୋଗ କରିଛନ୍ତି। ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ଷ୍ଟେସନ ଅଧିକାରୀ ପ୍ରଲ୍ହାଦ ରାୟ, ମୁଖ୍ୟ ଆଗ୍ନୀକ ପ୍ରଲ୍ହାଦ ସ୍ୱାଇଁ, ଅନାମ ଚରଣ ମଲ୍ଲିକ, ହାବିଲଦାର ତାପସ ରାଉତ,ଫାୟାର ମ୍ୟାନ ରବୀନ୍ଦ୍ର ବାଗ, ସାରଦା ପ୍ରସାଦ ସ୍ୱାଇଁ, ସାରଦା ପ୍ରସାଦ ସ୍ୱାଇଁ, ସଂଗ୍ରାମ ସ୍ୱାଇଁ ଓ ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ସମ୍ପାଦନ କରିଛନ୍ତି। ଆଜିର ପବିତ୍ର ଦିନ ରେ ଦମକଳ କେନ୍ଦ୍ର ରେ ଏକ ପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ତ୍ରିନାଥ ଗୋସେଇଁ ଙ୍କ ନାମ ରେ ଜୟ ଗାନ ଦିଆଯାଇ କାର୍ଯ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା ।

# କଚ୍ଛପ ଗତିରେ ମହାବିରୋଡ଼ୁ ଠାରୁ କଙ୍କଡ଼ାହାଡ଼ ରାସ୍ତା

## ରାସ୍ତା କାମ ଅଧାପନ୍ତରିଆ, ବଢୁଛି ଦୁର୍ଘଟଣା

କଙ୍କଡ଼ାହାଡ଼ (ମହାଭାରତ ) :କଙ୍କଡ଼ାହାଡ଼ ଠାରୁ ମହାବୀରୋଡ଼ ମଧ୍ୟରେ ଚାଲୁଥିବା ରାସ୍ତା କାମରେ ଠିକାଦାର ନିଜ ମନମାନି ରେ ରାସ୍ତାର ଉଭୟ ପାର୍ଶ୍ୱ ଖୋଳୁଥିବା ହେତୁ ଲୋକେ ଦୁର୍ଘଟଣା ର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ପୂର୍ତ୍ତ ବିଭାଗ ଦ୍ୱାରା ମହାବୀରୁଡ଼ ଠାରୁ କଙ୍କଡ଼ାହାଡ଼ ରାସ୍ତା ର ପ୍ରଶସ୍ତିକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।କିନ୍ତୁ ଠିକାଦାର ଙ୍କ ଦାୟିତ୍ୱହିନତା ପାଇଁ ଖୋଳୁଥିବା ରାସ୍ତା ରେ ସୁରକ୍ଷା ବାଡ ଦେଉନଥିବା ହେତୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି।ଗ୍ରାମବାସୀ ଙ୍କ କହିବା ଅନୁସାରେ, ପୂର୍ତ୍ତ ବିଭାଗ ଦ୍ୱାରା ମହାବୀରୋ ଡ଼ ଠାରୁ ଗଡ଼ପଳାଶୁଣୀ ଦେଇ



କଙ୍କଡ଼ାହାଡ଼ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତି କରଣ କାମ ଚାଲୁଅଛି। କିନ୍ତୁ ଗଡ଼ପଳାଶୁଣୀ ଠାରୁ କଙ୍କଡ଼ାହାଡ଼ ମଧ୍ୟରେ କିଛି କିଛି ଜାଗାରେ ଜିଏସବି ପକାଇବାର ଢେର ଆଗରୁ ରାସ୍ତାର ପାର୍ଶ୍ୱରୁ ମାଟି ଖୋଳି ଦିଆଯାଉଛି ଏବଂ ତା ସଙ୍ଗେ ଠିକାଦାର ଖୋଳୁଥିବା ରାସ୍ତାରେ ସୁରକ୍ଷା ଚିହ୍ନ ନ ଲଗାଇବା ହେତୁ ବହୁ ଦୁର୍ଘଟଣା ର ଶିକାର ହେଉଛନ୍ତି। ଅନେକ ମାସ ହେଲା ଏପରି ଭାବେ ପଡି ରହିଥିବାରୁ ଲୋକେ ଅସୁବିଧା ର ସନମୁଖୀନ ହେଉଛନ୍ତ। ବିଶେଷ କରି ରାତି ସମୟରେ ଲୋକେ ଦୁର୍ଘଟଣା ଶିକାର ହେବା ସହ କୁମଳ ମତି ପିଲା ମାନେ ସ୍କୁଲ ଯିବା ସମୟରେ ଦୁର୍ଘଟଣା ଘଟୁଥିବା ର ସୂଚନା ମିଳୁଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଯୋଗାଯୋଗ ହୁଇପାରିନଥିଲା। ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣ ରେ ଦାବି ହେଉଅଛି।

# ଶ୍ରୀରାମ ନବମୀରେ ଉତ୍ସବ ମୁଖର ସମଗ୍ର ହିନ୍ଦୋଳ

ହିନ୍ଦୋଳ(ମହାଭାରତ)ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଛି ସାରା ରାଜ୍ୟପ୍ରଭୁ ଶ୍ରୀରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର କୁହାଯାଏ। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ପ୍ରଭୂ ଶ୍ରୀରାମଏହି ପରିପ୍ରେକ୍ଷୀରେ ହିନ୍ଦୋଳରେ ଶ୍ରୀରାମ ଜନ୍ମୋତ୍ସବ କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଅଛି। ଅପରାହ୍ନ ପ୍ରାୟ ୪ଟା ସମୟରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ହିନ୍ଦୋଳ ଏନ୍.ଏ.ସି ର ବିଭିଭ ୱାର୍ଡ ଅଭିମୁଖେ ରାମଙ୍କ ରଥ ହଜାର ହଜାର ରାମ ଭକ୍ତଙ୍କ ଭିଡ ମଧ୍ୟରେ ପରିକ୍ରମା କରଯାଇଥିଲା। ଚଳିତ ବର୍ଷ ଏହି ଶୋଭାଯାତ୍ରା ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ଭଜନ କୀର୍ତ୍ତନ,ଘଣ୍ଟ ମୃଦଙ୍ଗ, ଡିଜେ,ବାଣରେ ପ୍ରକମ୍ପିତ ହୋଇଥିଲା ସମଗ୍ର ହିନ୍ଦୋଳ ଏନ୍.ଏ.ସିୟରାମ ଧୂନ୍ ର ତାଳେ ତାଳେ ଶହ ଶହ ଯୁବକ ବାଇକ ବିଭୋର ହୋଇ ନାଚୁ ଥିବାର ଦେଖାଯାଇଥିଲା। ସେହିଭଳି ଶହ ଶହ ଲୋକ ବାଇକ୍ ଯୋଗେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେୟ ଆଗମୀ ଦିନରେ ଏହି ଉତ୍ସବକୁ ଆହୁରି ଭବ୍ୟ କରିବା ସହ ହିନ୍ଦୋଳର ଏକ ପ୍ରମୁଖ କାର୍ଯକ୍ରମ ରେ ପରିଣତ କରାଯିବ ବୋଲି ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତ।

# ସ୍ୱାମୀ ବିବେକାନନ୍ଦ ସେବା ସଂଗଠନ ଓ ଆମ ଓଡିଶା ପକ୍ଷରୁ ରକ୍ତଦାନ ଶିବିର



କପ୍ତିପଦା -(ମହାଭାରତ ): କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହି ସ୍ଥିତ ଅଉପୂର୍ଣ୍ଣା ଶିଳ୍ପ ତାଲିମ କେନ୍ଦ୍ରରେ ସ୍ୱାମୀ ବିବେନନ୍ଦ ସେବା ସଂଗଠନ ଓ ଆମ ଓଡିଶା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଭାସ୍କର ମଢେଇ ଏବଂ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଉଦ୍ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ବାଦର ପ୍ରତିନିଧି ଅଭିଜିତ ବିଶ୍ୱାଳ, ଅଉପୂର୍ଣ୍ଣା ଶିଳ୍ପ ତାଲିମ କେନ୍ଦ୍ରର ମାଲିକ ରଞ୍ଜନ ବିଶ୍ୱାଳ ସ୍ୱାମୀ ବିବେକାନନ୍ଦର ସଭାପତି ସମ୍ପାଦକ ଏବଂ ସଦସ୍ୟ ମାନଙ୍କ ବିପୁଳ ଚେଷ୍ଟାରେ ଏହି ରକ୍ତଦାନ ଶିବିର ସମ୍ପର୍ଣ୍ଣ ହୋଇଯାଇଛି । ପ୍ରଚୁର ମାତ୍ରାରେ ଖରା ସତ୍ତ୍ୱେ ଲୋକେ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଉଦଳା ରକ୍ତଭଣ୍ଡାରର ମୁଖ୍ୟ ଡଃ ପ୍ରଜ୍ଞ୍ୟା ପ୍ରିୟଦର୍ଶିନି ବେହେରା ଙ୍କ ତତ୍ୱାବଧାନରେ ଡଃ ଖଗେଶ୍ୱର ସିଂହ, ଅଭିଉ ସୁନ୍ଦର ନାୟକ, ଶ୍ରାବଣ କୁମାର ବେହେରା, କମଳ କୁମାର ନାଏକ, ମାନସ ରଞ୍ଜନ ମହାନ୍ତି ଓ ଅଜିତ ସିଂ ଙ୍କ ପ୍ରଚେଷ୍ଟାରେ ରକ୍ତ ସଂଗ୍ରହ କରାଯାଇଥିଲା । କପ୍ତିପଦା ବ୍ଲକ ସମ୍ବାଦ ପ୍ରତିନିଧି ସୁଶାନ୍ତ ମହାନ୍ତି ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହନ ଦେଇଥିଲେ । ପ୍ରକାଶ ଥାଉକି ସ୍ୱାମୀ ବିବେକାନନ୍ଦ ସେବା ସଂଗଠନ ପୂର୍ବ ବର୍ଷ ୭୫ ୟୁନିଟ ସଂଗ୍ରହ କରିବା ସହିତ ବାହାନଗା ଟ୍ରେନ ଦୂର୍ଘଟଣା ସମୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରି ୯୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ ।ସ୍ୱାମୀ ବିବେକାନନ୍ଦ ସେବା ସଂଗଠନ ଓ ଆମ ଓଡିଶା ପ୍ରୟାସରେ ଏହି ମହତ କାର୍ଯ୍ୟ କରିବା ଫଳରେ ବିଭିଉ ସ୍ଥାନରୁ ପ୍ରଶଂସା ସାଉଣ୍ଟି ପାରିଛନ୍ତି ।

# ଜଟଣୀରେ ବିଶାଳ ବାଇକ୍ ରାଲି

ଜଟଣୀ(ମହାଭାରତ): ପ୍ରବାଦ ପୁରୁଷ ଜନ ନାୟକ ବିଜୁ ପଟ୍ଟନାୟକ ଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୁତି ଭୂଷଣ ବଳବନ୍ତରାୟ ଙ୍କ ନତୃତ୍ୱରେ ଶତାଧିକ ବିଜେଡି କର୍ମୀ ହାଟ ବଜାର ଠାରେ ଏକତ୍ରିତ ହୋଇ ସେଠାରେ ବିଜୁ ପଟନାୟକଙ୍କ ଉଦେଶ୍ୟରେ ତିଳ ଅର୍ପଣ କରିବା ସହିତ ପଣା ବଣ୍ଟନ କରି ସତାଧିକ କର୍ମୀ ଙ୍କୁ ସାଙ୍ଗରେ ଧରି ଏକ ବିଶାଳ ବାଇକ ରାଲି ହାଟବଜାର ରୁ ବାହାରି ଡମୁଁଣଇ ମନ୍ଦିର ରେ ପହଞ୍ଚିଥିଲା । ଉତ୍ତରୟଣୀ କ୍ଲବରେ ଏକ ସଭା ର ଆୟୋଜନ କରାଯାଇଥିଲା ସେଠାରେ ବିଭୂତି ଭୂଷଣ ବଳବନ୍ତରାୟ ପହଞ୍ଚି ବିଜୁବାବୁଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ଦୁଇ ପଦ ବକ୍ତବ୍ୟ ରଖିଥିଲେ।

# ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



ହିଞ୍ଜିଳିକାଟୁ ପୌରାଞ୍ଚଳ ବୃନ୍ଦାବନ ନାୟକ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସଏମଆଇଟି ପରିଚାଳନା ନିର୍ଦ୍ଦେଶକ ଡ୍. ଭଗବାନ ଗନ୍ତାୟତ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିହାର ରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଅଧ୍ୟକ୍ଷା ଲିଲିରାଣୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ସହକାରୀ ପ୍ରାଧାପକ ବିଶ୍ୱନାଥ ପୃଷ୍ଟି ଯୋଗଦେଇ ବିଜ୍ଞାନ ପଦର୍ଶନୀ ବୁଲି ଦେଖିବା ସହ ଶିଶୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ଭବିଷ୍ୟତ କିପରି ଗଠନ କରିପାରିବେ ସେ ନେଇ ମତବ୍ୟକ୍ତ କରିଥିଲେ। ଆୟୋଜିତ ପଦର୍ଶନୀରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପଦର୍ଶିତ କରାଯାଇଥିଲଶ । ପରିଶେଷରେ ଶ୍ରେଷ୍ଠ ପଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲଶ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜିତ କୁମାର ପାଢ଼ି ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ମା'କଳସୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ

ରାଇଘର(ମହାଭାରତ)ଅଧିଷ୍ଠାତ୍ରୀ ଦେବୀ ମା'କଳସୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି । ଏଥି ପାଇଁ ସମଗ୍ର ସହର ଚଳଚଞ୍ଚଳ ହୋଇ ଉଠିଛି । ମଙ୍ଗଳ ବାର ସନ୍ଧ୍ୟାରେ ସ୍ଥାନୀୟ ଭିତରଗୋଡ଼ ଗଜଭାରନ୍ ମଣ୍ଡପରେ ପୂଜା ପାଇବା ପରେ ବହୁ ଆଡ଼ମ୍ବରରେ ମା'ଙ୍କ ଘଟ ନଗର ପରିକ୍ରମା ରେ ବାହାରି ଥାଏ ।ମାଙ୍କ ଆଶୀର୍ବାଦ ଦର୍ଶନକରିବା ପାଇଁ ଭକ୍ତ ମାନେ ଘର ଦୁଆର କୁ ଲିପା ପୋଛା କରିବା ସହ ମହିଳାମାନେ ନିଜ ନିଜର ଦାଣ୍ଡରେ ଝୋଟି ଦେଇ ସଦୃଶ କଳିସି କୁ ବନ୍ଦାପନା କରି ସ୍ୱାଗତ କରିଥାନ୍ତି । ଆଠ ଦିନ ଧରି ଗ୍ରାମ ପରିକ୍ରମା ପରେ ମାଁ ଙ୍କ କଳିଶି ମାଁ ନଗର ପରିକ୍ରମା ପୂର୍ବରୁୟ ପୂଜାରୀ ପରଦେଶୀ ଗଣ୍ଡଙ୍କ ଧର୍ମପତ୍ନୀଙ୍କୁ ମା' ଠାକୁରାଣୀଙ୍କ ଘଟବୁହା ହୋଇ ସହରର ସମସ୍ତ ଘରକୁ ଘର ପରିକ୍ରମା କରି ଦର୍ଶନ ଦେଇଥାନ୍ତି ।ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ମା'ଙ୍କ ଯାତ୍ରାର ମା'ଙ୍କ ଅଭିରର୍ଭାବ ହୋଇଥାଏ ପରେ ମା'ଙ୍କ ଘଟ ସହର ଅଭିମୁଖେ ବାହାରି ଥାଏ । ଏହି ସମୟରେ ମା'ଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଯାହାଫଳରେ କି ସମସ୍ତ କାମରେ ସୁଖ, ସମୃଦ୍ଧି ଓ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ବୋଲି କହିଛନ୍ତି ମୁଖ୍ୟ ପୂଜାରୀ ପରଦେଶୀ ଗଣ୍ଡ, କଟୁଆଳ ବିଶୁ ଖମାରୀ, ଗାଉଠିଆ କାମଳସିଂ ରାଜପୁତ, ରାଇଘର ଠାରେ ବହୁବର୍ଷ ଧରି ହେଉଥିବା ହେତୁ ବହୁତ ଓ ଖୁସୀ ମହଲ ଦେଖିବାକୁ ମିଳିଥାଏ ମା'ଙ୍କ ଏହି ଚୈତ୍ର ଯାତ୍ରାର ଶେଷଦିନ ରକ୍ତ ରଞ୍ଜିତ ହୋଇଥାଏ ମା ଠାକୁରାଣୀ ଣୀଙ୍କ ବହୁସଂଖ୍ୟାରେମାନସିକଧାରୀମାନେ ଏଠାକୁ ଆସି କଳସୀ ଦେବୀଙ୍କ ପାର୍ଷ ଦେବୀଙ୍କୁ ବଳିବି ଦିଅନ୍ତି ଏବଂ ପରମ୍ପରାକୁ ବଞ୍ଚାଇ ରଖନ୍ତି ଯାହା ମାନସିକ କରିଥାନ୍ତି ସବୁ କିଛି ଦିଅନ୍ତି ଏବଂ ପରମ୍ପରା ରହିଆସିଛି ।

# ଭି. ଏସ. ଏସ. ନଗର ବିଜୁ ଆଦର୍ଶ କଲୋନୀ ଏକତା ମଞ୍ଚ ଗଠିତ

ଭୁବନେଶ୍ୱର(ମହାଭାରତ): ଭି. ଏସ. ଏସ ନଗରରେ ବିଜୁ ଆଦର୍ଶ କଲୋନୀ ଏକତା ମଞ୍ଚ ଗଠନ ହୋଇଛି ଭି. ଏସ. ଏସ. ନଗର ୱାର୍ଡ ନମ୍ବର - ୧୧ର ସମସ୍ତ ବିଜୁ ଆଦର୍ଶ କଲୋନୀର ମୁରବୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନେଇ ଏହା ଗଠିତ ହୋଇଛି । ଆଗାମୀ ଦିନରେ ସାହିର ସୁବିଧା ଅସୁବିଧାରେ ପରସ୍ପର ପାଖରେ ଛିଡାହେବା



ହେବା ସହ ସମସ୍ତ ବିଜୁ ଆଦର୍ଶ କଲୋନୀର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବେ ବୋଲି ମତପ୍ରକାଶ କରିଥିଲେ ଏହି ପରିପ୍ରେକ୍ଷୀରେ ଏକତା ମଞ୍ଚ ତରଫରୁ କର୍ମକର୍ତା ଚୟନ ମଧ ସମ୍ପାଦନ ହୋଇଥିଲା ବିଜୁ ଆଦର୍ଶ କଲୋନୀ ଏକତା ମଞ୍ଚର ଉପଦେଷ୍ଟା ଭାବେ ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ, ସଭାପତି ଭାବେ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ବିଶ୍ୱାଳ, ଉପସଭାପତି ଭାବେ ପରମବ୍ରହ୍ମ ମାଣିକ, ସମ୍ପାଦକ - ଶ୍ରୀଯୁକ୍ତ ସଞ୍ଜୟ ମଲିକ, ସହ ସମ୍ପାଦକ - ବଂଶୀଧର ନାୟକ,ପ୍ରଶାନ୍ତ ରାଉତ, କୋଷାଧକ୍ଷ - ଦିଲ୍ଲିପ କୁମାର ଘଡେଇ, ସହ କୋଷାଧକ୍ଷ ଭାବେ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବରେ ଜଳଛତ୍ର

ନିଶ୍ଚିନ୍ତକୋଇଲି (ମହାଭାରତ): - ଆଜି ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବିଭିନ୍ନ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବଜାର ଠାରେ ଥିବା ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ତରଫରୁ ଆୟୋଜିତ ଜଳଛତ୍ର କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀଜେନା ଯୋଗଦାନ କରି ତୃଷାର୍ତଜନସାଧାରଣଙ୍କୁ ପାନୀୟଜଳ ପ୍ରଦାନ କରିଥିଲେ। ଏଥିରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବନେତା ପ୍ରମୋଦ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ସମିତି ସଭ୍ୟ ପ୍ରଦୋଶ କୁମାର ସାହୁ,ପସରପଂଚ ଜୟଦେବ ରାଉତ,ପିଂଟୁ ଜେନା ପ୍ରମୁଖ ବହୁ ବ୍ୟକ୍ତି ଯୋଗଦାନ କରିଥିଲେ।

# ଡୁବୁରି ଛକ ନିକଟରେ ଜଳଛତ୍ର କେନ୍ଦ୍ର ଶୁଭାରମ୍ଭ




ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଚାରିଆଡ଼େ ଜାରିରହିଥିବାବେଳେ ଗ୍ରୀଷ୍ମ ପ୍ରବାହ ରେ ରାଜ୍ୟ ବାସୀ ଛଟପଟ ହେଉଥିବାବେଳେ ସକାଳ ୯ ଘଟିକା ରୁ ଅପରାହ୍ନ ୪ ଟା ସମୟ ପର୍ଯ୍ୟନ୍ତ ଘରୁ ବାହାରିବା ଅସମ୍ଭବ ହୋଇପଡିଛ। ଏହାକୁ ଆଖିଆଗାରେ ରଖି କଳିଙ୍ଗନଗର ବାରଗଡିଆ ଗ୍ରାମର ମାନ୍ୟଗନ୍ୟ ବ୍ୟକ୍ତି ଦ୍ୱାରା ଡୁବୁରୀ ଛକ ନିକଟରେ ଜଳ ଛତ୍ର କେନ୍ଦ୍ର ଉଦଘାଟନ କରିଥିବା ଦେଖିବାକୁ ମିଳିଛ।ଆକାଶରୁ ଅଗ୍ନି ବର୍ଷା ଥମିବାର ନା ନେଉନଥିବା ବେଳେ ବାରଗାଡ଼ିଆ ଗ୍ରାମର ପ୍ରଭାସ କୁମାର ଦେଓ ଏକ ଜଳ ଛତ୍ର ଉଦଘାଟନ କରିବାସହ ରାସ୍ତାରେ ଯାଉଥିବା ଶୋଷିଲା ଲୋକଙ୍କ ଶୋଷୋ ମେଣ୍ଟାଇବାପାଇଁ ଜଳଛତ୍ର ଶୁଭାରମ୍ଭ କରିଥିବା ଦେଖିବାକୁ ମିଳିଛି, ଗ୍ରାମର (ସରପଞ୍ଚ) ପ୍ରଦୀପ ଦେଓ ,ସମ୍ରାଟ କେଶୋରି ଦେଓ, ରବୀନ୍ଦ୍ର ଦେଓ (ବଣିଜ ସଂଘ ସଭାପତି କଳିଙ୍ଗନଗର) ଗୋପାଳ ଚନ୍ଦ୍ର ଦେଓ, ଅଭିନାଶ ଶତପଥୀ,ଦୀପକ ଦେଓ,ବିଶ୍ୱନାଥ ସେଠି ,ମନୋରଞ୍ଜନ ଦେଓ ,ସତ୍ୟଜିତ୍ ଦେଓ ,ସୌମ୍ୟରଞ୍ଜନ ରାଜ,ଧନଜୟ ଦେଓ,ଦେବାଶିଷ ଦେଓ, ଯୁଗଳ କିଶୋର ସାହୁ ବାରଗଡ଼ିଆ ଗ୍ରାମର ବୋହୁ ଗୁରୁଜନ ଙ୍କ ଉପସ୍ଥିତ ରେ ଜଳଛତ୍ର ଉଦଘାଟନ ହୋଇଥିଲା, ଗ୍ରୀଷ୍ମ ପ୍ରବାହ ଦୂର ନହେବା ପର୍ଯ୍ୟନ୍ତ ଆଗକୁ ଜଳଛତ୍ରଟି ଲୋକଙ୍କ ଶୋସ ମେଣ୍ଟାଇବା ସହ ଦୀର୍ଘଦିନ ପର୍ଯ୍ୟନ ଏହା ଜାରିରହିବ ବୋଲି ସୂଚନା ମିଳିଛି।

# ଅସୁରେଶ୍ୱର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ନିଶ୍ଚିନ୍ତକୋଇଲି (ମହାଭାରତ): ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲିପୁରସ୍ଥିତ ଓଡିଶା ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜକ ମାନଙ୍କ ଦ୍ୱାରା ନୀତିକାନ୍ତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଓଡିଶାର ବିଭିନ୍ନ ପୁରପଲ୍ଲୀରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ପ୍ରଭୁ ରଘୁନାଥଙ୍କ ନିକଟରେ ଧୂପଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ଦ୍ୱାରା



ମାନସିକ ବାଣ ଫୁଟାଯାଇଥିଲା। ନିଶ୍ଚିନ୍ତକୋଇଲି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା,ନିଶ୍ଚିନ୍ତକୋଇଲିପଂଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ ,ଶୋଭନ କର, ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ.ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ କୁମର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ପ୍ରଭୁ ଶ୍ରୀ ରଘୁନାଥଙ୍କ କୃପାଭିକ୍ଷା କରିଥିଲେ। ସେହିପରି ଭାବେ ଏହି ବ୍ଲକର ବନ୍ଧୁପୁରସ୍ଥିତ ଶ୍ରୀ ଶ୍ରୀରଘୁନାଥ ଜୀଉ,କୋଲଣପୁର ଗ୍ରାମପଂଚାୟତ କୁଳିଆ ରଘୁନାଥ ଜୀଉଙ୍କ ପୀଠ ,ନିଶ୍ଚିନ୍ତକୋଇଲି ରଘୁନାଥ ଜୀଉଙ୍କ ପୀଠ, ସିଦ୍ଧ ମହାବୀରଙ୍କ ପୀଠ,ନତକାଇ ଗ୍ରାମପଂଚାୟତ ଏକରୁଖି,ସରପଡା ଗ୍ରାମପଂଚାୟତ ସାଧୁପୁରସ୍ଥିତ ରଘୁନାଥ ମନ୍ଦିରରେ ଆନନ୍ଦ ଉଲ୍ଲାସର ସହ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ଇସ୍ରାଏଲୀ ଜାହାଜ ଅପହରଣ ମାମଲା: ମୁକ୍ତ ହେଲେ ୧୭ ଭାରତୀୟ

ନୂଆଦିଲ୍ଲୀ: ଗତ ଏପ୍ରିଲ ୧୩ ତାରିଖରେ ଇରାନ ପକ୍ଷରୁ ଅପହରଣ କରାଯାଇଥିବା ଇସ୍ରାଏଲୀ ଜାହାଜରେ ଥିବା ୧୭ ଭାରତୀୟଙ୍କ ମଧ୍ୟରେ ଥିବା ଏକମାତ୍ର ମହିଳାଙ୍କୁ ମୁକ୍ତ କରିଛି ଇରାନ । ମୁକ୍ତ ହୋଇଥିବା ମହିଳା କର୍ମଚାରୀ ନିଜ ରାଜ୍ୟ କେରଳ ଫେରିଛନ୍ତି । ତେବେ ଅବଶିଷ୍ଟ ୧୬ ଜଣଙ୍କ ମୁକ୍ତି କେବେ ହେବ ତାହା ଜଣାପଡିନାହିଁ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ କେରଳର ତ୍ରିଶୂରର ବାସିନ୍ଦା ମହିଳା କ୍ୟାଡେଟ୍ ଆନ୍ ଟେସା ଜୋସେଫ୍, ଯିଏ କି ମାଲବାହୀ ଜାହାଜ ଏମଏସସି ଏଆରଏସିରେ ଥିବା ଭାରତୀୟ



କ୍ରୁରେ ସାମିଲ ଥିଲେ, ତାଙ୍କୁ ଉଦ୍ଧାର କରାଯାଇଛି । ସେ କୋଚିନସ୍ଥିତ ନିଜ ଘରେ ପହଞ୍ଚିଛନ୍ତି । ଏହାବ୍ୟତୀତ ତେହେରାନରେ ଥିବା ଭାରତୀୟ ଦୂତାବାସ ମାଲବାହୀ ଜାହାଜ ଏମଏସସି ଏଆରଏସର ଅବଶିଷ୍ଟ ୧୬ ଜଣ ଭାରତୀୟ କର୍ମଚାରୀଙ୍କ ସହ ଯୋଗାଯୋଗରେ ଅଛି । ଖୁବଶୀଘ୍ର ସେମାନଙ୍କୁ ମଧ ମୁକ୍ତ କରାଯିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ତେହେରାନରେ ଥିବା ଭାରତୀୟ ମିଶନ ଜାହାଜର କ୍ରୁ ମେମ୍ବରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଇରାନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି । ସମସ୍ତଙ୍କୁ ମୁକ୍ତ କରିବା ପାଇଁ ଆଇନଗତ ପ୍ରକ୍ରିୟା ମଧ ଚାଲିଛି। ଖୁବଶୀଘ୍ର ସେମାନଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି। ତେବେ ଅବଶିଷ୍ଟ ସଦସ୍ୟଙ୍କ ମୁକ୍ତି ରେ କାହିଁକି ବିଳମ୍ବ ହେଉଛି ସେ ସମ୍ପର୍କରେ ମନ୍ତ୍ରାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

## ରାଜ କୁନ୍ଦ୍ରାଙ୍କୁ ଶକ୍ତ ଝଟକା, ଇଡି ଜବତ କଲା ୯୮ କୋଟିର ସମ୍ପତ୍ତି

ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ସ୍ୱାମୀ ତଥା ବିଜନେସମ୍ୟାନ ରାଜ କୁନ୍ଦ୍ରାଙ୍କୁ ଲାଗିଛି ଶକ୍ତ ଝଟକା। ରାଜଙ୍କ ୯୭. ୭୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ଇଡି। ଏହା ମଧ୍ୟରେ ବହୁ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଜଣାଯାଇଛି। ବିଟ୍ କଏନ ପଞ୍ଜି ସ୍କାମରେ ଜଡ଼ିତ ଥିବା ରାଜଙ୍କ ବିରୋଧରେ ଏପରି ଆକ୍ସନ ନେଇଛି ଇଡି। ଜବତ ସମ୍ପତ୍ତି ମଧ୍ୟରେ ଜୁହୁସ୍ଥିତ ଏକ ଫ୍ଲାଟ, ପୁଣେରେ ଥିବା ଏକ ବଙ୍ଗଳା ଓ ରାଜଙ୍କ ନାମରେ ଥିବା ଇକ୍ୟୁଟି ଶେଆର ରହିଛି। ଜୁହୁସ୍ଥିତ ଫ୍ଲାଟ ରାଜଙ୍କ ପତ୍ନୀ ତଥା ଅଭିନେତ୍ରୀ ଶିଳ୍ପାଙ୍କ ନାଁରେ ଥିବା ଜଣାଯାଇଛି।

ପ୍ରଥମେ ଏକ ସଂସ୍ଥା ନାଁରେ ମହାରାଷ୍ଟ୍ର ପୁଲିସ୍? ଓ ଦିଲ୍ଲୀ ପୁଲିସ୍? ପକ୍ଷରୁ ମାମଲା ରୁଜୁ ହୋଇଥିଲା। ପରେ ଏହି ମାମଲାର ତଦନ୍ତ ଭାର ଇଡି ହାତକୁ ଚାଲି ଯାଇଥିଲା। ଏହି ମାମଲାରେ ପ୍ରଥମେ ସ୍ୱର୍ଗତ ଅମିତ ଭରଦ୍ୱାଜ, ଅଜୟ ଭରଦ୍ୱାଜ, ବିବେକ ଭରଦ୍ୱାଜ, ସିମ୍ପି ଭରଦ୍ୱାଜ, ମହେନ୍ଦ୍ର ଭରଦ୍ୱାଜ ପ୍ରମୁଖ ଅଭିଯୁକ୍ତ ଥିଲେ। ଅଧିକ ୧୦% ଟଙ୍କା ପ୍ରଦାନର ଲୋଭ ଦେଖାଇ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କଠାରୁ ୨୦୧୭ ମସିହାରେ କେବଳ ୬,୬୦୦ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏପରିକି ମାସକୁ ବିଟ୍ କଏନ ଆକାରରେ ୧୦% ପ୍ରଦାନ କରାଯିବ ବୋଲି ବି କୁହାଯାଇଥିଲା। ଲୋକେ ମଧ ବିଟ୍ କଏନ ପାଇବା ଆଶାରେ ବିପୁଳ ପରିମାଣର ଟଙ୍କା ଏଥିରେ ବିନିଯୋଗ କରିଥିଲେ। ମାତ୍ର ପରେ ଆଉ ସଂସ୍ଥା କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଇଡି ଏହି ମାମଲାର ତଦନ୍ତ କରିବା ପରେ ଏହି ମାମଲାର ମାଷ୍ଟର ମାଇଣ୍ଡ ଅମିତ ଭରଦ୍ୱାଜଙ୍କ ନିକଟରୁ ରାଜ କୁନ୍ଦ୍ରା ୨୮୫ ବିଟ୍ କଏନ ପାଇଥିବା ଅଭିଯୋଗ ହୋଇଥିଲା। ଏହାର ମୂଲ୍ୟ ୧୫୦ କୋଟି ଟଙ୍କା ହେବ ବେ। ଲି ଜଣାଯାଇଛି। ଏ ହ ବଦଳରେ



ରାଜ କୁନ୍ଦ୍ରା ୟୁକ୍ରେନରେ ବିଟ୍ କଏନ ନିର୍ମାଣ ନିମନ୍ତେ ଏକ ଫ୍ୟାକ୍ଟ୍ରି ସ୍ଥାପନ କରିବେ ବୋଲି ଡିଲ୍? ହୋଇଥିଲା। ମାତ୍ର ତାହା ଫଳପ୍ରଦ ହୋଇ ପାରି ନ ଥିଲା। ଏହି ଘଟଣାରେ ସିମ୍ପି ଭରଦ୍ୱାଜ, ନିତୀନ ଗୌର ଓ ନିଖିଳ ମହାଜନ ନାମକ ୩ ବ୍ୟକ୍ତିଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଜୟ ଭରଦ୍ୱାର ଓ ମହେନ୍ଦ୍ର ଭରଦ୍ୱାଜ ଏବେବି ଫେରାର ଅଛନ୍ତି।

## ପ୍ରାଥମିକ ପଦବୀରୁ ଇସ୍ତଫା ଦେଲେ ଆସିକା ବିଧାନସଭା ଯୁବ କଂଗ୍ରେସ ଉପସଭାପତି



ଆସିକା, (ମହାଭାରତ) : ନିର୍ବାଚନ ପାଇଁ ଏବେ ରାଜନୈତିକ ଉଷ୍ମତା ବଢିବାରେ ଲାଗଛି । ଏତିକି ବେଳେ ଆସିକା ନିର୍ବାଚନ ମଣ୍ଡଳୀରେ ମୁରବିହୀନ ହୋଇଥିବା କଂଗ୍ରେସର ସ୍ୱର ଶବ୍ଦ ଶୁଭୁନାହିଁ । କହିବାକୁ ଗଲେ ଏଠାରେ ଏବେ କଂଗ୍ରେସ ଶୁପ୍ତ ପ୍ରାୟ ରହିଛି । ଯଦିଓ ନିର୍ବାଚନ ପୂର୍ବରୁ ସାଂଗଠନିକ ସ୍ଥିତି ପାଇଁ ଦଳୀୟ ନେତୃତ୍ୱ ଚୟନ କରାଯାଇଛି, ତଥାପି ସେମାନଙ୍କ ଉପସ୍ଥିତି ଏବେ ଜଣାପଡୁନାହି । ଏତିକି ବେଳେ ଆସିକା ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ଦଳ ବିଧାୟିକା ପ୍ରାର୍ଥୀ ପାଇଁ ଆସିକାର ଜଣାଶୁଣା କଂଗ୍ରେସ ନେତା ସ୍ୱର୍ଗତ ଉମାଚରଣ ବିଷୋୟୀଙ୍କ ପୁତ୍ରବଧୂ ସୁରଭି ବିଷୋୟୀଙ୍କୁ ଟିକେଟ ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ସୁରଭି ବିଷୋୟୀ ବିଜେଡି ଦଳର ପୂର୍ବତନ ସମ୍ପାଦିକା ଦାୟିତ୍ୱରେ ରହିଥିଲେ । ବିଜେଡି ଟିକେଟ ପାଇଁ ଲବି ରହି ଦଳୀୟ ସଂଗଠନରେ ନିୟୋଜିତ ଥିଲେ । ହେଲେ ଟିକେଟ ନ ମିଳିବାରୁ କଂଗ୍ରେସ ଦଳରେ ସାମିଲ ହୋଇ ଆସିକା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳରୁ ବିଧାୟିକା ଟିକେଟ ପାଇଥିଲେ। ଏହାକୁ ନେଇ କଂଗ୍ରେସର ପୁରୁଣା କର୍ମୀ ମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଆଜି ଆସିକା ବିଧାନସଭା ଯୁବ କଂଗ୍ରେସ ଉପସଭାପତି ତଥା କାଳଷଣ୍ଡପୁର ପୂର୍ବତନ ସମିତିସଭ୍ୟ ଅନିଲ କୁମାର ପରିଡା ପ୍ରାଥମିକ ପଦବୀରୁ ଇସ୍ତଫା ଦେଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ।

# ଜଳସଂକଟ ଯୋଗୁ ପଞ୍ଚାୟତ ଅଫିସରେ ତାଲା

ରାଇରଙ୍ଗପୁର, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ବାବନଘାଟି ଉପଖଣ୍ଡ ବିଜାତଳା ବ୍ଲକ ଅଧିନସ୍ଥ ନୁଷାଡିହି ଗ୍ରାମପଞ୍ଚାୟତରେଫେଲ ମାରିଛି ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ବସୁଧା ଯୋଜନା, ଏଠାରେ ଲୋକେ ଟପାଏ ପାଣି ହେଉଛନ୍ତି ତହଳ ବିକଳ। ଜଳସଂକଟ ଯାହାକି ପ୍ରାୟ ଏକ କିଲୋମିଟର ଦୂରରେ ପିଇବା ପାଣି ଆଣି ବହୁତ କଷ୍ଟରେ ଚଳୁଛନ୍ତି। ଆଗେ ସ୍କୁଲ ମାନଙ୍କରେ ନଳକୂପରେ ଜଳ ଆଣି ପିଉଥିଲେ ଏଣୁ ଶିକ୍ଷକ ମାନେ ଛୁଆ ମାନଙ୍କ ଅସୁବିଧା ହେବବୋଲି ଗ୍ରାମବାସୀ ମାନଙ୍କୁ ଜଳ ନେବାପାଇଁ ସିଧାସଳଖ ମନାକରି ଥିଲେ। ଏହି ଜଳସଂକଟ ବିଷୟରେ ବିଡ଼ିଓ, ସରପଞ୍ଚ, ଜେଇଙ୍କୁ ଲିଖିତ



ଅଭିଯୋଗ କଲେ ସୁଧା କେହି କର୍ଣ୍ଣପାତ ନକରିବାରୁ ଗ୍ରାମବାସୀ ଭଟ ବର୍ଜନ କରିବେ ବୋଲି ନୁଷାଡିହି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଏବଂ ଆଗାମୀ ୨୦୨୪ ନିର୍ବାଚନ ରେ ଠିଆ ହୋଇଥିବା ନେତା ମନ୍ତ୍ରୀ ମାନଙ୍କୁ ଗ୍ରାମ ଭିତରକୁ ଆସିବାକୁ ଦେବେ ନାହିଁ। ଯଦି ଗାଁ ଭିତରକୁ ଜବରଦସ୍ତି ପଶିଲେ ପଚା, ଅଣ୍ଡା, ଚପଲ, ଝାଡୁରେ ମାରିବେ ବୋଲି ଗ୍ରାମବାସୀ ପ୍ରତିଜ୍ଞାବଦ୍ଧ ତ୍ରିବାର ସତ୍ୟ କରିଛନ୍ତି।

## ବେଗୁନିଆରେ ଏଥର କଂଗ୍ରେସ୍

ବେଗୁନିଆ, (ମହାଭାରତ) : ବେଗୁନିଆରେ ଏଥର ବାଜି ମାରିବ କଂଗ୍ରେସ। ପୁଣି ଥରେ ବାପା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଗଡ଼କୁ ଫେରାଇ ଅଣାଯିବ ବୋଲି ପ୍ରକାଶ କରିଛନ୍ତି ବେଗୁନିଆ କଂଗ୍ରେସ ପ୍ରା ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ । ବେଗୁନିଆ ବିଧାନସଭା ଆସନ ପାଇଁ କଂଗ୍ରେସ ତରଫରୁ ଟିକଟ ପାଇବା ପରେ ପୃଥ୍ୱୀବଲ୍ଲଭଙ୍କୁ ବୁଧବାର ବେଗୁନି ବେଗୁନିଆ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନ ଗତ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ସରରେ ସେ ଏହା ପ୍ରକାଶ କରିଛନ୍ତି। ବେଗୁନିଆ ମା' ବରମୂଳେଇ ପୀଠରେ ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ଚରଣ ମହାପାତ୍ରଙ୍କ ଆବାହକତ୍ୱରେ ପୃଥ୍ୱୀବଲ୍ଲଭଙ୍କୁ ସ୍ୱାଗତ କରାଯିବା ପରେ ଦଳର କର୍ମୀଙ୍କୁ ନେଇ ସେ ଏକ ବୈଠକ ବିଠକ ଆୟୋଜନ କରିଥିଲେ। କିପରି କଂଗ୍ରେସ ନିଜର ଗଡ଼ ଫେରିପାଇବ ସେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୃଣମୂଳସ୍ତରରେ ଯୁବକ, ମହିଳା ଏବଂ ବୟୋଜ୍ୟେଷ୍ଠ କର୍ମକର୍ତ୍ତା ଶୃଙ୍ଖଳିତ ଏବଂ ସଙ୍ଗଠିତ ହୋଇ କାର୍ଯ୍ୟ କଲେ କଂଗ୍ରେସର ବିଜୟ ହେବ ଏଥିରେ ଦ୍ୱିମତ ନାହିଁ ବୋଲି କହିଛନ୍ତି ପୃଥ୍ୱୀବଲ୍ଲଭ ।କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନର ଓଡିଶା ସଂଯୋଜକ ବିଜୟ କୁମାର ପ୍ରଧାନ, କଂଗ୍ରେସ ନେତା ସୁବାସ ଚନ୍ଦ୍ର ରାୟ, ମାନସ ବାହୁବଳେନ୍ଦ୍ର, ଗଣେଶ ମହାରଣା, ମହମ୍ମଦ ମଇଉଦ୍ଦିନ ଅହମ୍ମଦ, ଗଣେଶ ଜୟସିଂହଙ୍କ ସମେତ ଶତାଧ?କ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ମୟୂରଭଞ୍ଜରେ ବାକି ଥିବା ଚାରି ବିଧାନ ସଭା ଆସନରେ ବିଜେପିର ପ୍ରାର୍ଥୀ ଘୋଷଣା

ରାଇରଙ୍ଗପୁର, (ମହାଭାରତ) : ଆଜି ଭାରତୀୟ ଜନତା ପାର୍ଟି ପୁଣି ଓଡ଼ିଶାର ୨୧ ଆସନରେ ବିଧାନ ସଭା ପ୍ରାର୍ଥୀ ଘୋଷଣା କରିଛି। ସେଥି ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାର ୪ଗୋଟି ନିର୍ବାଚନ ମଣ୍ଡଳୀ ପାଇଁ ବିଧାନ ସଭା ପ୍ରାର୍ଥୀଙ୍କର ନାଁ ଘୋଷଣା କରିଛି ବିଜେପି। ଏହି ଚାରଟି ନିର୍ବାଚନ ମଣ୍ଡଳୀ ହେଲା ରାଇରଙ୍ଗପୁର, କରଞ୍ଜିଆ, ସାରସକଣକ୍ଷ ଓ ବାଙ୍ଗିରିପୋଷି। ଏହି ଚାରଟି ନିର୍ବାଚନ ମଣ୍ଡଳୀରେ ବିଜେପି ଦୁଇଟି ଆସନ ରେ ବିଜୟ ଲାଭ କରିଥିବା ବେଳେଅନ୍ୟ ଦୁଇଟି ଆସନ ରେ ବିଜେଡି ବିଜୟ ଲାଭ କରିଥିଲା। ଏଥର ବିଜେପି ଚାର ଟି ଯାକ ଆସନ ହାତେଇବାକୁ ରଣନୀତି ପ୍ରସ୍ତୁତ କରିଛି ଦଳ। ସେ ପଟେ ବିଜେଡି ମଧ କିଭଳି ଚାର ଟି ଆସନ ରେ ବିଜୟ ଲାଭ କରିବ ସେଥିପାଇଁ ସିଏ ମଧ ରଣନୀତି ପ୍ରସ୍ତୁତ କରିଛି। ଆଜି ଭାରତୀୟ ଜନତା ପାର୍ଟି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ଯୋଲେନ ବାରଦା, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ପଦ୍ମଚରଣ ହାଇବୁରୁ, ସାରସକଣକ୍ଷ ନିର୍ବାଚନ ମଣ୍ଡଳୀ ପାଇଁ ଭାଦବ ହାଁସଦା, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ସଞ୍ଜଳି ମୁର୍ମୁ କର ନାମ ଘୋଷଣା କରାଯାଇଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲାର ବିଜେପି କର୍ମୀ ମାନଙ୍କ ମଧ୍ୟରେ ଖୁସିର ମହଲ ଦେଖିବାକୁ ମିଳିଛି। ସମସ୍ତ ପ୍ରାର୍ଥୀ ବହୁତ ଉତ୍ସାହିତ ଥିବା ବେଳେ ଜିତିଲେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଦିଗରେ କାମ କରିବେ ବୋଲି କହିଛନ୍ତି। ଏଥି ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ରୀୟ ନେତା ଓ ରାଜ୍ୟ ର ନେତା ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ସମସ୍ତ ପ୍ରାର୍ଥୀ। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ବିଧାନ ସଭା ପ୍ରାର୍ଥୀ ଭାବେ ଯୋଲେନ ବାରଦା ରାଇରଙ୍ଗପୁର ଉପଖଣ୍ଡରେ ଜଣେ ଜଣାଶୁଣା ପରିଚିତ ଚେହେରା।ରାଇରଙ୍ଗପୁର ଉପଖଣ୍ଡର ଜଣେ ହୋ ଜାତିର ସ୍ୱାଭିମାନ ନେତା ଭାବରେ ବେଶ ପରିଚିତ ଯୋଲେନ ବାରଦା। ତାଙ୍କ ଘର ହେଉଛି ତିରିଂ ବ୍ଲକ ଅନ୍ତର୍ଗତ ସାନସାଦମ ଗ୍ରାମରେ। ତେବେ ସେ ତୀରିଂ ୨୦ନମ୍ବର ଜନ ଜିଲ୍ଲା ପରିଷଦ ସଭ୍ୟ ଭାବେ ଦୁଇ ଦୁଇ ଥର ନିର୍ବାଚିତ ହୋଇଥିଲେ। ସେ ୨୦୦୦ମସିହାରୁ ୨୦୧୨ପର୍ଯ୍ୟନ୍ତ ବିଜେପିର ଜଣେ ସକ୍ରୀୟ ରାଜନୀତି ରେ କାର୍ଯ୍ୟ କରୁଥିବା ବେଳେ ୨୦୦୭ରୁ ୨୦୧୨ପର୍ଯ୍ୟନ୍ତ ବିଜେପି ରୁ ୨୦ନମ୍ବର ଜୋନ ଜିଲ୍ଲା ପରିଷଦରେ ବିଜୟ ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡି ଦଳରେ ଯୋଗଦେଇ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ପୁଣି ଥରେ ତିରିଙ୍ଗ ୨୦ନମ୍ବର ଜନ ଜିଲ୍ଲା ପରିଷଦ ନିର୍ବାଚନ ରେ ବିଜୟୀ ହୋଇଥିଲେ। ତେବେ ଏଇ ୬ମାସ ପୂର୍ବରୁ ସେ ବିଜେଡି ଦଳରୁ ପୁଣି ବିଜେପିକୁ ଫେରି ଆସିଥିଲେ।

## ଜନ୍ମ ଦିନରେ ରକ୍ତଦାନ ଶିବିର



ବାଲିପାଟଣା, (ମହାଭାରତ) : ଜାତୀୟ ଯୁବ ପ୍ରକଳ୍ପ ଏବଂ ମିଶନ ରକ୍ତଦାନ ସଦସ୍ୟା ପ୍ରଜ୍ଞା ମହାନ୍ତିଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଡ଼ାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ନିର୍ଦ୍ଦେଶକ ଡ ଦେବାଶିଷ ମିଶ୍ର ଉଦ୍ଘାଟନ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ରଞ୍ଜନ ମହାପାତ୍ର, ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ, ପ୍ରଭାସ କୁମାର ମହାପାତ୍ର, ସରୋଜ ମାଝୀ, ସୂର୍ଯ୍ୟକାନ୍ତ ସେଠି, ଲକ୍ଷ୍ମୀ ମହାନ୍ତି,ସ୍ମୃତି, ଶ୍ରାବଣୀ,ଡିପ୍ତିମୟୀ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେ ରକ୍ତ ଭଣ୍ଡାର ରେ ରକ୍ତର ଅଭାବ ସମୟରେ ଏତେ ସଂଖ୍ୟକ ରକ୍ତଦାତା ରକ୍ତଦାନ କରିଥିବାରୁ ମିଶନ ରକ୍ତଦାନ ତରଫରୁ ହର ପ୍ରସାଦ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

ରାଜନଗର, (ମହାଭାରତ) : ରାଜନଗର ବ୍ଲକ ଡାଙ୍ଗମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଗୁରୁବାର ଦିନ ସକାଳ ପ୍ରାୟ ୧୦ଟା ସମୟରେ ଏହି ଗ୍ରାମର ମୂଷା ଦଳପତିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଗାଁ ଲୋକେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ମଧ ସବୁକିଛି ଜଳି ପୋଡି ପାଉଁଶ ହୋଇଯାଇଥିଲା । ପିନ୍ଧା ଲୁଗା ବ୍ୟତୀତ ବିପନ୍ନ ପରିବାର ଆସବାବପତ୍ର ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ବିପନ୍ନ ପରିବାର ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି। ବିପନ୍ନ ପରିବାରକୁ ସରକାରୀ ଓ ବେସରକାରୀସ୍ତରରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି ।

# ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

ନବରଙ୍ଗପୁର, (ମହାଭାରତ) : ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡା, ନବରଙ୍ଗପୁରର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଏବଂ ଅନୁଷ୍ଠାନର ମୁଖପତ୍ର ଷୋଡ଼ଶ ଶ୍ରୀତୁଳସୀ ପତ୍ରିକା ଉନ୍ମୋଚନ ଉତ୍ସବ -୨୦୨୪ ମହା ସମାରୋହରେ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଷାଗୁମୁଡ଼ା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପ୍ରଥମ ଅଧିବେଶନ କବିତା ଆସରଟି ବିଶିଷ୍ଟ ସାହିତ୍ୟିକ ଡାକ୍ତର ସୁରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବଲ୍ଲଭ ରାଉତ ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ନବରଙ୍ଗପୁର, ମୁଖ୍ୟ ବକ୍ତାଭାବରେ ବିଜୟ କୁମାର ଚୌଧୁରୀ , ସମ୍ମାନିତ ଅତିଥି ଭାବରେ ଜଗଦୀଶ ତ୍ରିପାଠୀ, ତ୍ରୀପତୀ ବାଲାଜୀ ସାହୁ, ନବରଙ୍ଗପୁର , ପ୍ରଭଞ୍ଜନ ତ୍ରିପାଠୀ, କେଦାରଶ୍ୱର ପଟ୍ଟନାୟକ ଧୋଡ୍ରା




ପ୍ରଭୃତି ଯୋଗ ଦେଇଥିଲେ। କବିତା ଆସରଟିକୁ ସଂଯୋଜନା କରିଥିଲେ ସ୍ୱର୍ଣ୍ଣଲତା ପଟ୍ଟନାୟକ, ନବରଙ୍ଗପୁର, ଶୁଭେନ୍ଦୁ କୁମାର ଦାସ, ସାଗର କୁମାର ପରିଡ଼ା, ରାଇଘର । କବିତା ଆସରଟିରେ ମୋଟ ୭୨ ଜଣ କବି, କବୟିତ୍ରୀ କବିତା ପାଠ କରିଥିଲେ, ଶେଷରେ ଧନ୍ୟବାଦ ଦେଇଥିଲେ ପ୍ରଦିପ୍ତ କୁମାର ବେହେରା । ଠିକ୍ ସେହିପରି ଦ୍ୱିତୀୟ ଅଧିବେଶନଟି କୈଳାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଇଂ ଭରତ ଚରଣ ବେହେରା, ବରିଷ୍ଠ ଅଧିକାରୀ, ଓଡ଼ିଶା ଖଣି ନିଗମ, ଭୁବନେଶ୍ୱର ଯୋଗ ଦେଇଥିଲେ । ସଂପାଦକୀୟ ବିବରଣୀ ପଠନ କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସହଦେବ ପରିଡ଼ା ଅନୁଷ୍ଠାନର ମୁଖପତ୍ର ଷୋଡ଼ଶ ଶ୍ରୀତୁଳସୀ ପତ୍ରିକାର ଲୋକାର୍ପଣ ପରେ ଓଡ଼ିଆ ସାହିତ୍ୟରେ ମହାକାବ୍ୟ ରାମାୟଣ ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ନାରାୟଣ ପଣ୍ଡା, ଡଃ ବିଜୟ କୁମାର ମିଶ୍ର, ଡଃ ପ୍ରଦୀପ କୁମାର ମିଶ୍ର, ଓକିଲ କୁଞ୍ଜ ବିହାରୀ ଦାସ, ପ୍ରଧାନ ଶିକ୍ଷକ ପବିତ୍ର ହାଲଦାର, ସାହିତ୍ୟିକ ଦୁର୍ଗା ପ୍ରସାଦ ପାଢ଼ୀ ପ୍ରଭୃତି ଆଲୋଚକ ବୃନ୍ଦ ନିଜ ନିଜର ମତ ରଖି ଥିଲେ । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଅଧ୍ୟାପିକା ସ୍ୱପ୍ନା ମହାନ୍ତି ଏବଂ ନଳିନୀକାନ୍ତ ପାତ୍ର। ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିନ୍ତ ବଲ୍ଲଭ ରାଉତ, ପ୍ରଦୀପ ମିଶ୍ର, ରାମ ପ୍ରସାଦ ପାତ୍ର, ବିବେକାନନ୍ଦ ପଟ୍ଟନାୟକ, ସବିତା ଶତପଥୀ, ମିନତୀ ନାୟକ, ବାସନ୍ତିଲତା ଜେନା, କୋନ ବନେଗା କରୋଡ ପତି ରେ ଭାଗ ନେଇ ତେର ଲକ୍ଷ ଟଙ୍କା ପାଇଥିବା ନବରଙ୍ଗପୁର ଜିଲ୍ଲା ର ତେର ବର୍ଷର ବାଳକ ଶାଶ୍ୱତ ପଟ୍ଟନାୟକଙ୍କୁ ମଧ୍ଯ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଓଡ଼ିଆ ଭାଷାର ପ୍ରସାର ପ୍ରଚାରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ୧୫ ଜଣଙ୍କୁ ଓଡ଼ିଆ ଭାଷା ସେବା ସମ୍ମାନ -୨୦୨୪ ପ୍ରଦାନ କରାଯାଇଥିଲା। ଶେଷରେ ସହ ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ।ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

### ଗ୍ରୀଷ୍ମପ୍ରବାହ ଜାରି ଜନ ଜୀବନ ଅସ୍ତ୍ୟବ୍ୟସ୍ତ

କରଞ୍ଜିଆ, (ମହାଭାରତ) : ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ଠାକୁରମୁଣ୍ଡା ଓ କରଞ୍ଜିଆ ଅଞ୍ଚଳରେ ଜନ ଜୀବନ ଅତିଷ୍ଠ ହୋଇ ପଡିଛି ।୩ ଦିନ ଧରି ଅତ୍ୟଧିକ ଗରମ ଏଠାରେ ଅନୁଭୁତ ହେଉଛି। ବିଶେଷ କରି ଦିନ ୦୮ ଠାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଅତ୍ୟଧିକ ଗରମ ଅନୁଭୂତ ହେଉଛି ।ଏହି କାରଣ ରୁ ଦିନ ୧୦ ଟା ଠାରୁ ଦିନ ୪ ଟା ପର୍ଯ୍ୟନ୍ତ ରାସ୍ତା ଘାଟ ରେ ଲୋକଙ୍କ ମାନଙ୍କ ଚଳ ପ୍ରଚଳ କମି ଯାଇଛି ।ଗୁରବାର ଦିନ ୨ ଟା ସମୟରେ ଠାକୁରମୁଣ୍ଡା ଅଞ୍ଚଳରେ ୪୧.୮ ଡିଗ୍ରୀ ତାପମାତ୍ରା ଥିବା ବେଳେ ଏହା ହ୍ରାସ ଘଟି ସନ୍ଧ୍ୟା ୬ ଟା ସମୟରେ ୩୪ ଡିଗ୍ରୀ ତାପମାତ୍ରା ରହିଥିଲା। ଅତ୍ୟଧିକ ଗରମ ଯୋଗୁଁ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ଲୋକଙ୍କ ସମସ୍ୟା ବଢିଯାଉଛି। ବିଦ୍ୟୁତ ବିଭାଗ ସାଧାରଣ ଲୋକଙ୍କ ସମସ୍ୟା କୁ ଦେଖି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି।

## ଅସହ୍ୟ ଗରମ ଓ ଗୁଳୁଗୁଳି ସମୟରେ ଅଘୋଷିତ ବିଦ୍ୟୁତ କାଟ

ରାଜନଗର, (ମହାଭାରତ) : ରାଜନଗର ବ୍ଲକରେ ଅଘୋଷିତ ବିଦ୍ୟୁତ କାଟ ଲାଗିରହିଛି । ଟାଟା କମ୍ପାନୀ ନେବା ପରେ ଆଶା କରାଯାଉଥିଲା ଏଥିରେ ପରିବର୍ତ୍ତନ ଘଟିବ । ମାତ୍ର ଯଥା ପୂର୍ବ ତଥା ପରଂ ଅବସ୍ଥାରେ ଦିନକୁ ଦିନ ବିଦ୍ୟୁତ କାଟ ସମୟ ବଢି ବଢି ଚାଲିଛି । ବିନା ସୂଚନାରେ ଘଂଟା ଘଂଟା ଧରି ବିଦ୍ୟୁତ କାଟ କରାଯାଉଛି । ଦିନକୁ ଦିନ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ବୃଦ୍ଧି ପାଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ଅନେକ ସମୟରେ ପୁରୁଣା ତାର ଓ ପୁରୁଣା ଖୁଂଟ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଏହାପ୍ରତି କାହାରି ଦୃଷ୍ଟି ନାହିଁ । ଗଛଟିଏ ହଲିଲେ ବିଦ୍ୟୁତ କାଟ କରାଯାଇ ଲୋକମାନଙ୍କୁ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ହେଉଛି । ଆକାଶରେ ବାଦଲ ଦେଖାଦେଲେ ବିଜୁଳି ଛୁ ମାରୁଥିବା ବେଳେ ଏବେ ଅତ୍ୟଧିକ ଗରମ ସମୟରେ ବିଭାଗ ପକ୍ଷରୁ ୨ରୁ୩ ଘଂଟା ବିଦ୍ୟୁତ କାଟ ପାଇଁ ନିର୍ଦ୍ଦେଶ ଆସିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଛି । ଏସଂପର୍କରେ ବିଭାଗୀୟ ଯନ୍ତ୍ରୀ କୁଳମଣୀ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଦୁଇଦିନ ପୂର୍ବେ କାଳବୈଶାଖୀବେଯାଗୁଁ ବିଭିନ୍ନ ସ୍ଥାନରେ ବିଦ୍ୟୁତ ଛିଡି ଯାଇଥିଲା ସେଗୁଡିକୁ ସଜଡା ଯାଉଛି ବୋଲି କହି କଥାକୁ ଏଡାଇ ଯାଇଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ତାପମାତ୍ରା ୩୮ଡିଗ୍ରୀରୁ ଉର୍ଦ୍ଧ୍ୱ ହେଉଥିବା ବେଳେ ବିଭାଗୀୟ ଅଧିକାରୀ କାହିଁକି ବିଦ୍ୟୁତ କାଟ ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ୯ ରନ୍‌ରେ ଜିତିଲା ମୁମ୍ବାଇ ଇଣ୍ଡିଆନ୍ସ; ପଞ୍ଜାବ କିଙ୍ଗସର ହ୍ୟାଟ୍ରିକ୍ ପରାଜୟ



ଚଣ୍ଡିଗଡ଼: ଚଳିତ ଆଇପିଏଲ୍‌ର ୩୩ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୯ ରନ୍‌ରେ ପଞ୍ଜାବ କିଙ୍ଗସ୍‌କୁ ହରାଇ ଦେଇଛି। ଗୁରୁବାର ମଲ୍ଲାନପୁରରେ ମହାରାଜା ଯାଦବେନ୍ଦ୍ର ସିଂହ ଷ୍ଟାଡିୟମ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୯୨ ରନ୍ କରିଥିବା ବେଳେ ପଞ୍ଜାବ କିଙ୍ଗ୍‌ସ ୧୯.୧ ଓଭର୍‌ରେ ୧୮୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ପଞ୍ଜାବର ଏହା ଲଗାତାର ତୃତୀୟ ପରାଜୟ ହୋଇଥିବା ବେଳେ ସିଜନ୍‌ରେ ମୁମ୍ବାଇର ତୃତୀୟ ବିଜୟ। ଏହି ବିଜୟ ସହ ମୁମ୍ବାଇ ୭ମ ସ୍ଥାନକୁ ଉଠିଥିବା ବେଳେ ପଞ୍ଜାବ ନବମ ସ୍ଥାନକୁ ଖସିଆସିଛି।

୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପଞ୍ଜାବ କିଙ୍ଗ୍‌ସ ୧୪ ରନ୍‌ରେ ୪ଟି ଶୀର୍ଷ ୱିକେଟ୍ ହରାଇଥିଲା। ପ୍ରଥମ ଓଭର୍‌ର ତୃତୀୟ ବଲ୍‌ରେ ଜେରାଲ୍ଡ କୋଏଟ୍‌ଜି ଖାତା ଖୋଲିବା ପୂର୍ବରୁ ପ୍ରଭଶିମରନ୍ ସିଂହଙ୍କୁ ୱିକେଟ୍ ପଛରେ କ୍ୟାଚ୍ କରାଇଥିଲେ। ଦ୍ୱିତୀୟ ଓଭର୍‌ରେ ଜସ୍‌ପ୍ରୀତ ବୁମ୍‌ରା ଦୁଇଟି ୱିକେଟ୍ ନେଇ ପଞ୍ଜାବର ମୂଳଦୁଆ ଭାଙ୍ଗି ଦେଇଥିଲେ। ସେ ଚତୁର୍ଥ ବଲ୍‌ରେ ରିଲି ରୋସୋ (୧) ବୋଲ୍ଡ କରିଥିବା ବେଳେ ଶେଷ ବଲ୍‌ରେ କ୍ୟାପ୍‌ଟେନ୍ ସାମ୍ କରନ୍ (୬)ଙ୍କୁ ଇଶାନ୍ କିଶନ୍‌ଙ୍କ ଦ୍ୱାରା କ୍ୟାଚ୍ କରାଇ ପ୍ୟାଭିଲିୟନ୍ ଫେରାଇଥିଲେ। ତୃତୀୟ ଓଭର୍‌ର ପ୍ରଥମ ବଲ୍ କୋଏଟ୍‌ଜି ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍‌ଙ୍କୁ କଟ୍ ଆଣ୍ଡ୍ ବୋଲ୍ଡ କରିଥିଲେ ଏହାପରେ ଶଶାଙ୍କ ସିଂହଙ୍କ ସହ ଇନିଂସ୍ ସମ୍ଭାଳି ହରପ୍ରୀତ ବ୍ରାର୍ ୩୫ ରନ୍‌ର ଭାଗୀଦାରି କରିବା ପରେ ବ୍ୟକ୍ତିଗତ ୧୩ ରନ୍‌ରେ ଶ୍ରେୟସ୍ ଗୋପାଳଙ୍କ ବଲ୍‌ରେ କଟ୍ ଆଣ୍ଡ୍ ବୋଲ୍ଡ ହୋଇଥିଲେ।

ଜିତେଶ ଶର୍ମା ୯ ରନ୍ କରି ଆକାଶ ମଧାଲ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ ୪୯ ରନ୍‌ରେ ଟିମ୍ ୫ଟି ୱିକେଟ୍ ହରାଇବା ପରେ ଆଶୁତୋଷ ଶର୍ମାଙ୍କ ସହ ମିଶି ଶଶାଙ୍କ ସିଂହ ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରାଇଥିଲେ। ତେବେ ଶଶାଙ୍କ ୨୫ ବଲ୍‌ରେ ୨ ଚୌକା ଓ ୩ ଛକା ବଲରେ ୪୧ ରନ୍ କରିଥିବା ବେଳେ ବୁମ୍‌ରାଙ୍କ ତୃତୀୟ ଶିକାର ହୋଇଥିଲେ। ଶଶାଙ୍କ ଆଉଟ୍ ପରେ ଆଶୁତୋଷ ଓ ବ୍ରାର୍ ସଂଘର୍ଷପୂର୍ଣ୍ଣ ୫୭ ରନ୍‌ର ଭାଗୀଦାରି କରିବା ପରେ ଆଶୁତୋଷ ୨୮ ବଲ୍‌ରେ ୨ ଚୌକା ଓ ୭ ଛକା ସହାୟତାରେ ୬୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି କୋଏଟ୍‌ଜିଙ୍କ ତୃତୀୟ ଶିକାର ହୋଇଥିଲେ। ବ୍ରାର୍ ୨୧ ଏବଂ ରବାଡ଼ା ୮ ରନ୍ କରି ଆଉଟ୍ ହୋଇଥିଲେ। ମୁମ୍ବାଇ ପକ୍ଷରୁ ବୁମ୍‌ରା ଓ କୋଏଟ୍‌ଜି ତିନିଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ମଧାଲ୍, ହାର୍ଦ୍ଦିକ ପାଣ୍ଡ୍ୟା ଓ ଶ୍ରେୟସ୍ ଗୋପାଳ ଗୋଟିଏ ଲେଖାଏଁ ସଫଳତା ପାଇଥିଲେ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ଓଭର୍‌ରେ ଓପନର୍ ଇଶାନ୍ କିଶନ୍(୮)ଙ୍କୁ ହରାଇଥିଲା କାଗିସୋ ରବାଡା ତାଙ୍କୁ ହରପ୍ରୀତ ବ୍ରାର୍‌ଙ୍କ ଦ୍ୱାରା କ୍ୟାଚ୍ କରାଇଥିଲେ। ପଞ୍ଜାବ କ୍ୟାପ୍‌ଟେନ୍ ସାମ୍ କରନ୍‌ଙ୍କ ଓଭର୍‌ର ଅନ୍ତିମ ବଲ୍‌ରେ ଛକା ମାରି ଆଇପିଏଲ୍‌ରେ ୨୫୦ତମ ମ୍ୟାଚ୍ ଖେଳୁଥିବା ରୋହିତ ଶର୍ମା ପାୱାରପ୍ଲେରେ ମୁମ୍ବାଇର ସ୍କୋର୍ ୫୦ ରନ୍ ପାର କରାଇଥିଲେ ସୂର୍ଯ୍ୟକୁମାର ଏକାଦଶ ଓଭର୍‌ର ଦ୍ୱିତୀୟ ବଲ୍‌ରେ ସିଙ୍ଗଲ୍ ନେଇ ୩୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୯୧ ରନ୍‌ର ଭାଗୀଦାରି ହୋଇଥିବା ବେଳେ ରୋହିତ ଶର୍ମାଙ୍କୁ ସାମ୍ କରନ୍ ହରପ୍ରୀ ବ୍ରାର୍‌ଙ୍କ ହାତରେ କ୍ୟାଚ୍ କରାଇ ଭାଗୀଦାରିରେ ବ୍ରେକ୍ ଲଗାଇଥିଲେ। ରୋହିତ ୨୫ ବଲ୍‌ରେ ୨ ଚୌକା ଓ ୩ ଛକା ସହାୟତାରେ ୩୪ ରନ୍ କରି ଫେରିଥିଲେ। ରୋହିତଙ୍କ ପରେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ସପ୍ତଦଶ ଓଭର୍‌ରେ ସାମ୍ କରନ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସୂର୍ଯ୍ୟ ୫୩ ବଲ୍‌ରେ ୭ ଚୌକା ଓ ୩ ଛକା ବଲରେ ୭୮ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଥିଲେ। ସେ ତୃତୀୟ ୱିକେଟ୍ ପାଇଁ ତିଳକ ବର୍ମାଙ୍କ ସହ ୪୯ ରନ୍‌ର ଭାଗୀଦାରି କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା(୧୦)ଙ୍କୁ ହର୍ଷଲ୍ ପଟେଲ୍ ପ୍ୟାଭିଲିୟନ୍ ବାଟ ଦେଖାଇଥିଲେ। ଅନ୍ତିମ ଓଭର୍‌ରେ ମୁମ୍ବାଇ ତିନିଟି ୱିକେଟ୍ ହରାଇଥିଲା। ହର୍ଷଲ୍ ପଟେଲ୍ ଏହି ଓଭର୍‌ର ଦ୍ୱିତୀୟ ବଲ୍‌ରେ ଟିମ୍ ଡେଭିଡ୍ (୧୪) ଏବଂ ପଞ୍ଚମ ବଲ୍‌ରେ ରୋମାରିଓ ଶେଫର୍ଡଙ୍କୁ ଆଉଟ୍ କରିଥିବା ବେଳେ ଅନ୍ତିମ ବଲ୍‌ରେ ମହମ୍ମଦ ନବୀ (୦)ଙ୍କୁ ରନ୍‌ଆଉଟ୍ କରିଥିଲେ। ଫଳରେ ମୁମ୍ବାଇ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୯୨ ରନ୍‌ରେ ଅଟକିଥିଲା। ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ହର୍ଷଲ ପଟେଲ୍ ୩, ସାମ୍ କରନ୍ ୨ ଏବଂ କାଗିସୋ ରବାଡା ଗୋଟିଏ ୱିକେଟ୍ ନେଇଥିଲେ।

# ମୋଙ୍ଗିଆଙ୍କ ସ୍ଥାନରେ ଓସିଏ କୋଚ ହେଲେ ସୁରେନ୍ଦ୍ର



**ଭୁବନେଶ୍ୱର,୧୮।୪(ଏଜେନ୍ସି):** ପୁଣି ବଦଳିଲେ ଓଡ଼ିଶା ସିନିୟର କ୍ରିକେଟ ଦଳର କୋଚ୍। ମାତ୍ର ଗୋଟିଏ ସିଜିନ ପରେ କୋଚ ପଦବୀ ଛାଡିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦିନେଶ ମୋଙ୍ଗିଆ। ମହାରାଷ୍ଟ୍ରର ସୁରେନ୍ଦ୍ର ଭାବେ ହେଲେ ଓଡ଼ିଶା କ୍ରିକେଟ ଦଳର ନୂତନ କୋଚ୍।

ପୁଣି ବଦଳିଲେ ଓଡ଼ିଶା ସିନିୟର କ୍ରିକେଟ ଦଳର କୋଚ୍। ମାତ୍ର ଗୋଟିଏ ସିଜିନ ପରେ କୋଚ ପଦବୀ ଛାଡିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦିନେଶ ମୋଙ୍ଗିଆ। ମହାରାଷ୍ଟ୍ରର ସୁରେନ୍ଦ୍ର ଭାବେ ହେଲେ ଓଡ଼ିଶା କ୍ରିକେଟ ଦଳର ନୂତନ କୋଚ୍।

ଲକ୍ଷାଧିକ ଟଙ୍କା ବ୍ୟୟରେ ଦିନେଶଙ୍କୁ କୋଚ୍ କରିଥିଲା ଓସିଏ। ତେବେ ଦିନେଶ କୋଚ ଦାୟିତ୍ୱ ନେବାପରେ ଓଡିଶା ଟିମ୍ ଟି- ଟ୍ୱେଣ୍ଟି, ୱାନଡେ, ରଣଜୀରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଗତ ୨୭ ଅପ୍ରେଲ ୨୦୨୩ରେ ଦିନେଶ ଓସିଏର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ନେଇଥିଲେ। ମୋଙ୍ଗିଆଙ୍କ ପ୍ରଦର୍ଶନକୁ ଦେଖି ତାଙ୍କ ସହ ହୋଇଥିବା ଚୁକ୍ତିକୁ ଆଉ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଥିଲା ଓଡ଼ିଶା କ୍ରିକେଟ ଆସୋସିଏଶନ।

ଏହାପରେ ପୂର୍ବତନ ଭାରତୀୟ କ୍ରିକେଟର ସୁରେନ୍ଦ୍ର ଭାବେଙ୍କୁ ଏହି ପଦରେ ଅବସ୍ଥାପିତ ଓସିଏ। ୨-୨୪-୨୫ ବର୍ଷ ପାଇଁ ବିସିସିଆଇର ଘରୋଇ ସିଜିନରେ ଓଡିଶା ସିନିୟର କ୍ରିକେଟ ଟିମର ମୁଖ୍ୟ ପ୍ରଶିକ୍ଷକ ଭାବରେ ନଜର ଆସିବେ ସୁରେନ୍ଦ୍ର ଭାବେ। ପୂର୍ବରୁ ହରିୟାଣା, ପଞ୍ଜାବ ଓ ମହାରାଷ୍ଟ୍ର ଭଳି କ୍ରିକେଟ ଆସୋସିଏଶନର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ସାରିଛନ୍ତି ସୁରେନ୍ଦ୍ର। ଦିନେଶ ମୋଙ୍ଗିଆଙ୍କ ଗୋଟିଏ ବର୍ଷ ଚୁକ୍ତି ଭିତ୍ତିକ କାର୍ଯ୍ୟକାଳ ଶେଷ ହେବାପରେ ଓସିଏର ଉଇଉ (କ୍ରିକେଟ ପରାମର୍ଶ କମିଟି)ର ନିର୍ଦ୍ଦେଶକ୍ରମେ ଭାବେଙ୍କୁ ଓସିଏର ମୁଖ୍ୟ ପ୍ରଶିକ୍ଷକ ଭାବରେ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହି ପଦ ନିମନ୍ତେ ୧୦ରୁ ଊର୍ଦ୍ଧ୍ୱ ଆବେଦନ ଆସିଥିଲା। ସେଗୁଡ଼ିକ ମଧ୍ୟରୁ ବହୁ ବିଚାର ବିମର୍ଶ ପରେ ସୁରେନ୍ଦ୍ର ଭାବେଙ୍କ ଆବଦେନକୁ ଗ୍ରହଣ କରିଛି ଓସିଏ।

ଦିନେଶଙ୍କ ପୂର୍ବରୁ ମାଇକେଲ ବେଭାନ, ଭେଙ୍କଟପତି ରାଜୁ, ବଲବିନ୍ଦର ସିଂ ସାନ୍ଧୁ, ସବା କରିମ, ୱାସିମ ଜାଫରଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ମଧ କୋଚ୍ କରିଥିଲା ଓସିଏ। ହେଲେ ମାତ୍ର କିଛି ଦିନ ରହିବା ପରେ ସେମାନେ ମଧ ହଠାତ କୋଚ୍ ପଦ ଛାଡିଥିଲେ।

ଗତବର୍ଷ ଓଡ଼ିଶା କ୍ରିକେଟ ସଂଘର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେଇଥିଲେ ପୂର୍ବତନ ଭାରତୀୟ କ୍ରିକେଟର ଦିନେଶ ମୋଙ୍ଗିଆ। ତାଙ୍କ ପୂର୍ବରୁ ୱାସିମ୍ ଜାଫରଙ୍କୁ ଦୁଇ ବର୍ଷ ପାଇଁ ଓଡ଼ିଶା ଦଳର କୋଚ ଭାବେ ଦାୟିତ୍ୱ ଦିଆଯାଇଥିଲା। ହେଲେ ତାଙ୍କୁ ବାଂଲାଦେଶ ଜାତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ମିଳିବାରୁ ସେ ଅଧାରୁ ଚାଲିଯାଇଥିଲେ।

ତେଣୁ ୱାସିମ ଜାଫରଙ୍କ ସହମତିରେ ସିଏସିର ୩ ଜଣିଆ କମିଟି ମୁଖ୍ୟ କୋଚ୍ ଭାବେ ଦିନେଶଙ୍କୁ ନିଯୁକ୍ତି ଦେଇଥିଲେ। ମୋଙ୍ଗିଆ। ଓଡିଶା କ୍ରିକେଟ ପାଇଁ ଘରୋଇ ସିଜିନରେ ସଫଳତା ଆଣିଦେବେ ବୋଲି ଓସିଏ ଆଶା ରଖିଥିଲା। ହେଲେ ଗତ ସିଜିନ୍‌ରେ ଦଳ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲା। ଏହାପରେ ମୋଙ୍ଗିଆଙ୍କ ଚୁକ୍ତିକୁ ଆଉ ବୃଦ୍ଧି ନ କରି ପୂର୍ବତନ ଭାରତୀୟ କ୍ରିକେଟର ସୁରେନ୍ଦ୍ର ଭାବେଙ୍କ ଉପରେ ଭରସା ପ୍ରକଟ କରିଛି ଓସିଏ।

## ଟି -୨୦ ବିଶ୍ୱକପ ଚୟନ ଖବରକୁ ଖଣ୍ଡନ କଲେ ରୋହିତ

ନୂଆଦିଲ୍ଲୀ,୧୮।୪: ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ମିଡିଆ। ରିପୋର୍ଟକୁ ଅସ୍ୱୀକାର କରିଛନ୍ତି। ଯେଉଁଥିରେ ଦାବି କରାଯାଉଥିଲା ଯେ, ଟି -୨୦ ବିଶ୍ୱକପ ଚୟନକୁ ନେଇ ସେ ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଏବଂ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ସହ ଏକ ବିଶେଷ ଆଲୋଚନା କରିଛନ୍ତି। ଜୁନ୍ ୧ ରୁ ଆମେରିକା ଏବଂ ଷ୍ଟେଇଣ୍ଡିରେ ଟି୨୦ ବିଶ୍ୱକପ୍ ଖେଳାଯିବ। ତେବେ ଏହି ଖବରକୁ ରୋହିତ ଗୁଜବ ବୋଲି କହିଛନ୍ତି।

ଆଇସିସି ପୁରୁଷ ଟି -୨୦ ବିଶ୍ୱକପ ୨୦୨୪ ଆରମ୍ଭ ପାଇଁ ବହୁତ କମ୍ ସମୟ ବାକି ଅଛି। ଆସନ୍ତା ଟି -୨୦ ବିଶ୍ୱକପ ଜୁନ୍ ୧ ରୁ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଖେଳାଯିବ। କିଛି ଦିନ ମଧ୍ୟରେ ଟି -୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ। ଏଥିପାଇଁ ଅଜିତ ଅଗରକରଙ୍କ ନେତୃତ୍ୱରେ ଭାରତୀୟ ଚୟନକର୍ତ୍ତାଙ୍କ ବୈଠକ ଏହି ମାସର ଶେଷ ତାରିଖ (ଏପ୍ରିଲ ୩୦) କିମ୍ବା ପରବର୍ତ୍ତୀ ମାସର ପ୍ରଥମ ଦିନରେ ଅନୁଷ୍ଠିତ ହୋଇପାରେ।



ଟି -୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଚୟନକୁ ନେଇ ଗୁଜବ ବଜାର ଅତ୍ୟନ୍ତ ଗରମ। କେତେକ ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଛି ଯେ ଦଳ ଚୟନକୁ ନେଇ ଭାରତୀୟ ଅଧିନାୟକ ରୋହିତ ଶର୍ମା ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଭେଟିଛନ୍ତି। ମିଡିଆ। ରିପୋର୍ଟରେ ଏହା ମଧ ଦାବି କରାଯାଇଛି ଯେ ରୋହିତ ଶର୍ମା ଏବଂ ବିରାଟ କୋହଲି ଟି -୨୦ ବିଶ୍ୱକପରେ ଖେଳିବେ। ତେବେ ରୋହିତ ଏହି ଖବରକୁ ଏବେ ଖଣ୍ଡନ କରିଛନ୍ତି।

# ଧୋନିଙ୍କ ପରେ ରୋହିତଙ୍କ ରେକର୍ଡ

**ମୁମ୍ବାଇ,୧୮।୪(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ତଥା ଓପନର ରୋହିତ ଶର୍ମା ନୂଆ। ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଆଇପିଏଲ ଇତିହାସର ଦ୍ୱିତୀୟ ଖେଳାଳି ଭାବେ ୨୫୦ ମ୍ୟାଚ୍ ଖେଳିବାର ଗୌରବ ହାସଲ କରିଛନ୍ତି ଆଜି ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ରୋହିତ ବ୍ୟାଟିଂ କରିବାକୁ ଆସିବା ମାତ୍ରେ ତାଙ୍କ ନାଁରେ ଏହି ରେକର୍ଡ ଯୋଡ଼ି ହୋଇଯାଇଛି।

ଆଜି ସେ ଆଇପିଏଲରେ ତାଙ୍କର ୨୫୦ତମ ମ୍ୟାଚ ଖେଳିଛନ୍ତି ରୋହିତଙ୍କ ପୂର୍ବରୁ ଆଇପିଏଲରେ ମହେନ୍ଦ୍ର ସିଂହ ଧୋନି ଏକମାତ୍ର ଖେଳାଳି ଭାବେ ୨୫୦ ମ୍ୟାଚ୍ ଖେଳିବାର କୀର୍ତ୍ତିମାନ ହାସଲ କରିଥିଲେ।

୨୦୧୩ରୁ ରୋହିତ ମୁମ୍ବାଇର ଅଧିନାୟକ ଥିଲେ। କିନ୍ତୁ ୨୦୨୪ ଆଇପିଏଲ ପୂର୍ବରୁ ତାଙ୍କୁ ଏହି ପଦରୁ ହଟାଇ ଦିଆଯାଇଥିଲା। ଏବେ ସେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ୟାପ୍ଟେନ୍ସିରେ ମ୍ୟାଚ୍ ଖେଳୁଛନ୍ତି। ଏହି ସିଜିନରେ ରୋହିତ ଦମଦାର ବ୍ୟାଟିଂ କରିବା ସହ ଗୋଟିଏ ଶତକ ମଧ ହାସଲ କରି ସାରିଛନ୍ତି। ଧୋନି ଓ ରୋହିତ ଶର୍ମାଙ୍କ ପରେ ଆଇପିଏଲରେ ସର୍ବାଧିକ ମ୍ୟାଚ୍ ଖେଳିବା ତାଲିକାରେ ଦୀନେଶ କାର୍ତ୍ତିକ ରହିଛନ୍ତି। ଆଜିର ମ୍ୟାଚ୍ ପୂର୍ବରୁ କାର୍ତ୍ତିକ ଓ ରୋହିତଙ୍କ ମ୍ୟାଚ୍ ସଂଖ୍ୟା ୨୪୯ ଥିଲା। ରୋହିତ ଆଜି ୨୫୦ତମ ମ୍ୟାଚ୍ ଖେଳିଛନ୍ତି। ଏମାନଙ୍କ ପଛକୁ ୪ର୍ଥ ସ୍ଥାନରେ ରନ ମେସିନ ବିରାଟ କୋହଲି ରହିଛନ୍ତି ସେ ୨୪୪ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଇପିଏଲରେ କେବଳ ୧୦ ଜଣ ଖେଳାଳି ୨୦୦ କିମ୍ବା ତା ଠାରୁ ଅଧିକ ମ୍ୟାଚ୍ ଖେଳିଛନ୍ତି ଆଉ ସେମାନେ ସମସ୍ତେ ଭାରତୀୟ।

ଅନ୍ୟପକ୍ଷରେ ବିଦେଶୀ ଖେଳାଳି ଭାବେ ଆଇପିଏଲରେ ସର୍ବାଧିକ ମ୍ୟାଚ୍ ଇଣ୍ଡିଜ ତାରକା କାଏରନ ପୋଲାର୍ଡ ଖେଳିଛନ୍ତି ସେ ୧୮୯ ମ୍ୟାଚ୍ ଖେଳିଥିବା ବେଳେ ୧୮୪ ମ୍ୟାଚ୍ ସହ ଏବି ଡିଭିଲିୟର୍ସ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ରୋହିତ ଶର୍ମା ଆଜି ୨୫ ବଲରେ ୩୬ ରନ କରି ଆଉଟ ହୋଇ ଯାଇଛନ୍ତି। ଏହାପୂର୍ବରୁ ସେ ୨୪୯ ମ୍ୟାଚ୍‌ରେ ମୋଟ ୬୪୭୨ ରନ କରିଥିଲେ। ଆଇପିଏଲ ଇତିହାସର ସେ ଅନ୍ୟତମ ବିରଳ ଖେଳାଳି ଯିଏ ଶତକ ମାରିବା ସହ ବୋଲିଂରେ ହ୍ୟାଟ୍ରିକ ହାସଲ କରିଛନ୍ତି। ଶର୍ମାଙ୍କ ବ୍ୟତୀତ ଶେନ ୱାଟଶନ ଓ ସୁନିଲ ନାରିନ ମଧ ଏପରି ବିରଳ ରେକର୍ଡ କରିଛନ୍ତି।

## କଥା ବଦଳାଇଲେ ଗମ୍ଭୀର

ନୂଆଦିଲ୍ଲୀ,୧୮।୪(ଏଜେନସି) ସର୍ବଦା ନିଜର ବୟାନକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଥାନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଗୌତମ ଗମ୍ଭୀର ଏବେ ପୁଣି ସେ ଥରେ ନିଜର ବୟାନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଗମ୍ଭୀର ବୁଧବାର ସୁନୀଲଙ୍କ ପ୍ରଶଂସା କରି ଏକ ଫଟୋ ପୋଷ୍ଟ କରିଥିଲେ। ସେଥିରେ ସେ ଲେଖିଥିଲେ ଯେ, ଜଣେ ଅଛି ଆଉ ଜଣେ ହିଁ ରହିବ। ଏହାକୁ ନେଇ ତାଙ୍କୁ ଟ୍ରୋଲ କରାଯାଉଛି। କାରଣ କିଛି ଦିନ ପୂର୍ବେ ସେ ବିଲ୍‌କୁଲ୍ ଓଲଟା କଥା କହିଥିଲେ ଯେତେବେଳେ ତାଙ୍କୁ ମିଚେଲ ଷ୍ଟାର୍କଙ୍କ ଖରାପ ବୋଲିଂ ବିଷୟରେ ପଚରାଯାଇଥିଲା। ସେ କୌଣସି ଜଣେ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ କିଛି କହିପାରିବେ ନାହିଁ ବୋଲି କହିଥିଲେ। ହେଲେ ଏବେ ସେ ନିଜର କଥାରୁ ଓହରିଯାଇ ନରେନଙ୍କ ପ୍ରଶଂସା କରିଛନ୍ତି।

# କନୱେ ଆଇପିଏଲରୁ ଆଉଟ

ନୂଆଦିଲ୍ଲୀ,୧୮।୪(ଏଜେନସି): ଅହେତ ସମସ୍ୟା ଯୋଗୁ ଚଳିତ ଆଇପିଏଲରୁ ସଂପୂର୍ଣ୍ଣ ଭାବେ ବାଦ ପଡ଼ିଛନ୍ତି ଡେଭୋନ କନୱେ ପ୍ରାଥମିକ ଭାବେ କୁହାଯାଉଥିଲା ଯେ କନୱେ ଆଇପିଏଲର ଦ୍ୱିତୀୟ ଭାଗରୁ ଚେନ୍ନାଇ ସୁପର କିଙ୍ଗସ ପାଇଁ ଉପଲବ୍ଧ ହେବେ।



କିନ୍ତୁ ସେ ସଂପୂର୍ଣ୍ଣ ଫିଟ ହୋଇ ନଥିବାରୁ ବିଧିବଦ୍ଧ ଭାବେ ପୂରା ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଆଜି ଚେନ୍ନାଇ ଇଂଲଣ୍ଡର ଦ୍ରୁତ ବୋଲର ରିଚାର୍ଡ ଗ୍ଲିସନଙ୍କୁ ନିଜ ସହ ସାମିଲ କରିଛି ବେସ୍ ପ୍ରାଇସ ୫୦ ଲକ୍ଷ ଟଙ୍କାରେ ଚେନ୍ନାଇ ରିଚାର୍ଡଙ୍କ ସହ ଡିଲ୍ କରିଥିବା ଆଜି ସୂଚନା ଦେଇଛି। ୨୦୨୩ ଚେନ୍ନାଇ ବିଜୟରେ କନୱେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତେବେ ଆଇପିଏଲ ପୂର୍ବରୁ ଅଷ୍ଟ୍ରେଲିଆ। ବିପକ୍ଷ ଟି-୨୦ରେ ସେ ଆହତ ହୋଇଥିଲେ। ଏଥିପାଇଁ କନୱେ ଆଇପିଏଲରୁ ବାଦ ପଡ଼ିଛନ୍ତି। ତେଣୁ ରିଚାର୍ଡଙ୍କୁ ଚେନ୍ନାଇ ନିଜ ସ୍କ୍ୱାଡରେ ସାମିଲ କରିଛନ୍ତି। ସେ ଇଂଲଣ୍ଡ ପାଇଁ ୬ଟି ଟି-୨୦ ଖେଳି ୯ଟି ୱିକେଟ ନେଇଛନ୍ତି। ସେହିପରି ରିଚାର୍ଡ ମୋଟ ଉପରେ ୯୦ଟି ଟି-୨୦ ଖେଳି ୧୦୧ ୱିକେଟ ଦଖଲ କରିଛନ୍ତି ୩୬ ବର୍ଷୀୟ ରିଚାର୍ଡ ନିକଟରେ ଆଇଏଲ ଟି୨୦ରେ ଗଲ୍ଫ ଜାଏଣ୍ଟସ ପାଇଁ ଖେଳିଥିଲେ। ଏଥିରେ ସେ ୫ ମ୍ୟାଚ୍‌ରେ ୫ ୱିକେଟ ନେଇଥିଲେ। ଚେନ୍ନାଇ ବହୁତ କିଛି ଚିନ୍ତା କରି ରିଚାର୍ଡଙ୍କୁ ସ୍କ୍ୱାଡରେ ସାମିଲ କରିଛି। କାରଣ ଏବେ ଦଳରେ ଥିବା ମୁସ୍ତାଫିଜୁର ରହମାନ ଖୁବଶୀଘ୍ର ବାଂଲାଦେଶ ଫେରିଯିବାର ଅଛି ସେ ମେ ୨ ଯାଏ ଚେନ୍ନାଇ ପାଇଁ ଉପଲବ୍ଧ ହେବ। ତେଣୁ ତାଙ୍କ ବଦଳରେ ରିଚାର୍ଡ ଦଳର ବୋଲିଂ ବାହିନୀରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

**ଚେନ୍ନାଇ ସ୍କ୍ୱାଡ-**

ବ୍ୟାଟର୍ସ: ଋତୁରାଜ ଗାଏକ୍ୱାଡ, ଅଜିଙ୍କ୍ୟ ରାହାଣେ, ଶେଖ ରଶିଦ ଓ ସମୀର ରିଜଭୀ।

ଅଲରାଉଣ୍ଡର : ଡାରେଲ ମିଚେଲ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ମୋଇନ ଅଲୀ, ରଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ନିଶାନ୍ତ ସିନ୍ଧୁ।

ୱିକେଟ କିପର : ମହେନ୍ଦ୍ର ସିଂହ ଧୋନି ଓ ଆରଭେଲୀ ଅବିନାଶ।

ବୋଲର : ମୁକେଶ ଚୌଧୁରୀ, ମହୀଶ ତିକଶାନା, ସିମରଜୀତ ସିଂହ, ମୁସ୍ତାଫିଜୁର ରହମାନ, ପ୍ରଶାନ୍ତ ସୋଲାଙ୍କି, ଶାର୍ଦ୍ଦୁଲ ଠାକୁର, ମଥିଶା ପଥିରାଣା, ତୁଷାର ଦେଶପାଣ୍ଡେ, ଅଜୟ ମଣ୍ଡଳ, ଦୀପକ ଚହର, ରାଜ୍ୟବର୍ଦ୍ଧନ ହଙ୍ଗାରେଗେକର ଓ ରିଚାର୍ଡ ଗ୍ଲିସନ।

# ଟି-୨୦ରେ ବାଦ୍ ପଡିବେ କି ପାଣ୍ଡ୍ୟା ?

ମୁମ୍ବାଇ,୧୮।୪(ଏଜେନ୍ସି): ଗତ ଦିନିକିଆ ବିଶ୍ୱକପରେ ଆହତ ହୋଇ ଟୁର୍ଣ୍ଣାମେଣ୍ଟ ଅଧାରୁ ଦଳ ଛାଡ଼ିଥିଲେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ସଂପୂର୍ଣ୍ଣ ସୁସ୍ଥ ହୋଇ ସେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ପାଣ୍ଡ୍ୟା ଏ ପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବେ ସେମିତି ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ବିଶେଷ କରି ବୋଲିଂରେ ବିଫଳ ରହିଛନ୍ତି।

ବିସିସିଆଇ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର, କୋଚ୍ ରାହୁଲ ଦ୍ରାବିଡ଼ ଏବଂ ଅଧିନାୟକ ରୋହିତ ଶର୍ମା ତାଙ୍କ ଖେଳ ଉପରେ ନଜର ରଖିଛନ୍ତି। ଯଦି ପାଣ୍ଡ୍ୟା ବୋଲିଂରେ ଭଲ ପ୍ରଦର୍ଶନ କରିବେ। ତେବେ ତାଙ୍କୁ ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଳରେ ସାମିଲ କରାଯିବ। ନଚେତ ସୁଯୋଗ ମିଳିବା କଷ୍ଟକର ତେଣୁ ବୋଲିଂ ପ୍ରଦର୍ଶନ ଉପରେ ପାଣ୍ଡ୍ୟାଙ୍କ ବିଶ୍ୱକପ୍ ଦଳରେ ସୁଯୋଗ ମିଳିବା କିମ୍ବା ନମିଳିବା ନିର୍ଭର କରୁଛି। ଗତ ସପ୍ତାହରେ ବିସିସିଆଇ କାର୍ଯ୍ୟାଳୟରେ ଦ୍ରାବିଡ଼, ରୋହିତ ଓ ଅଗରକରଙ୍କ ମଧ୍ୟରେ ବୈଠକ ବସିଥିଲା।

ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଳ ଚୟନ ଉପରେ ବୈଠକରେ ଆଲୋଚନା ହୋଇଥଲା। ଦଳକୁ ଜଣେ ଅଲରାଉଣ୍ଡର ପେସ୍ ବୋଲରଙ୍କ ଆବଶ୍ୟକତା ରହିଛି। ପାଣ୍ଡ୍ୟା ହିଁ ଏହି ସ୍ଥାନ ପାଇଁ ଯୋଗ୍ୟ ମାତ୍ର ଆହତ ହୋଇ ପୁନଃ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ଫର୍ମ ଏବେ ଚିନ୍ତାଜନକ ରହିଛି। ବିଶେଷ କରି ସେ ନିୟମିତ ବୋଲିଂ କରୁ ନାହାନ୍ତି। ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଯାହା ଜଣାପଡ଼ିଛି, ରୋହିତ, ଦ୍ରାବିଡ଼ ଏବଂ ଅଗରକରଙ୍କ ମଧ୍ୟରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବୈଠକ ବସିଥିଲା। ଯଦି ପାଣ୍ଡ୍ୟା ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ସେ ନିୟମିତ ବୋଲିଂ କରିବା ଦରକାର ବୋଲି ନିଷ୍ପତ୍ତି ହୋଇଛି।



ପାଣ୍ଡ୍ୟାଙ୍କ ସହ ଚେନ୍ନାଇ ସୁପର କିଙ୍ଗ୍‌ର ଅଲରାଉଣ୍ଡର ଶିବମ ଦୁବେଙ୍କ ବିଷୟରେ ମଧ ଆଲୋଚନା ହୋଇଥିଲା ସେ କେବଳ ଏ ପର୍ଯ୍ୟନ୍ତ ଇମ୍ପାକ୍ଟ ଖେଳାଳି ଭାବେ ପଡ଼ିଆକୁ ଓହ୍ଲାଇଛନ୍ତି। ବୋଲିଂ କରି ନାହାନ୍ତି ସେ ବାମହାତୀ ବ୍ୟାଟିଂ କରିବା ସହ ମିଡିୟମପେସ୍ ବୋଲିଂ କରନ୍ତି। ଦୁବେ ଏ ପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୨୪୨ ରନ୍ କରିଛନ୍ତି ପାଣ୍ଡ୍ୟାଙ୍କ ବିକଳ୍ପ ମିଳିବା କଷ୍ଟକର।

ଯଦି ସେ ଫର୍ମକୁ ଫେରନ୍ତି ଏବଂ ବିଶ୍ୱକପ୍ ଦଳରେ ସାମିଲ ହୁଅନ୍ତି ତେବେ ଏକାଦଶ ବେଶ ସନ୍ତୁଳିତ ହେବ ଏ ପର୍ଯ୍ୟନ୍ତ ପାଣ୍ଡ୍ୟା ଚଳିତ ଆଇପିଏଲରେ ୬ଟି ମ୍ୟାଚ୍ ଖେଳିଛନ୍ତି। ସେଥିରୁ ୪ଟି ମ୍ୟାଚ୍‌ରେ ୧୧ ଓଭର ବୋଲିଂ କରି ୩ଟି ୱିକେଟ୍ ପାଇଛନ୍ତି। ରାଜସ୍ଥାନ ରୟାଲ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ବୋଲିଂ କରିନଥିଲେ।

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ମହେନ୍ଦ୍ର ସିଂ ଧୋନି ତାଙ୍କ ଓଭରରେ ୩ଟି ଛକା ମାରିଥିଲେ। ପାଣ୍ଡ୍ୟା ଏହି ଓଭରରେ ୨୬ ରନ୍ ଦେଇଥିଲେ। ବ୍ୟାଟିଂରେ ସେ ୬ଟି ମ୍ୟାଚ୍ରୁ ୧୩୧ ରନ୍ ସଂଗ୍ରହ କରିଛନ୍ତି ଏପ୍ରିଲ ଶେଷ ସପ୍ତାହରେ ଦଳ ଘୋଷଣା।

ଚଳିତ ମାସ ଶେଷ ସପ୍ତାହରେ ଜାତୀୟ ଚୟନ କମିଟି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଳ ଘୋଷଣା କରିବାର ସମ୍ଭାବନା ରହିଛି। ଯାହା ଆଶା କରାଯାଉଛି, ଆଇପିଏଲ୍ ପ୍ରଦର୍ଶନକୁ ଦଳ ଚୟନରେ ଗୁରୁତ୍ୱ ଦିଆଯିବ।

ଏଥର ଆମେରିକା ଓ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଆୟୋଜନ କରୁଛନ୍ତି। ନ୍ୟୁୟର୍କରେ ଭାରତୀୟ ଦଳ ପାଇଁ କଣ ସବୁ ଆବଶ୍ୟକ ରହିଛି। ଏନେଇ ବିସିସିଆଇ ଟିମ୍ ମ୍ୟାନେଜମେଣ୍ଟକୁ ପଚାରି ବୁଝି ସାରିଛି ଇତିମଧ୍ୟରେ ଜଣେ ଅଧିକାରୀ ଆମେରିକା ଗସ୍ତ କରି ସାରିଛନ୍ତି। ନ୍ୟୁୟୁର୍କରେ ଖେଳାଳିଙ୍କ ରହିବା ପାଇଁ ହୋଟେଲ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ବିଷୟରେ ଉକ୍ତ ଅଧିକାରୀ ସମସ୍ତ ବ୍ୟବସ୍ଥା କରିବେ। ୨୦୧୩ ଠାରୁ ଭାରତୀୟ ଦଳ କୌଣସି ଆଇସିସି ଟ୍ରଫି ଜିତି ପାରି ନାହିଁ ଯଦିଓ ୨୦୨୩ରେ ଦିନିକିଆ। ବିଶ୍ୱକପ୍ ଟାଇଟଲର ନିକଟତର ହୋଇଥିଲା, କିନ୍ତୁ ଫାଇନାଲରେ ଦଳ ଅଷ୍ଟ୍ରେଲିଆ। ଠାରୁ ପରାଜିତ ହୋଇଥିଲା।

## କୋହଲିଙ୍କଠାରୁ ପ୍ରେରଣା ପାଇଛନ୍ତି ଅନନ୍ୟା

**ନୂଆଦିଲ୍ଲୀ,୧୮।୪(ଏଜେନ୍ସି):** ଭାରତର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲି ଦୁନିଆର ଅନ୍ୟତମ ଲୋକପ୍ରିୟ ଆଥଲେଟ ଅଟନ୍ତି ସୋସିଆଲ ମିଡିଆ। ପ୍ଲାଟଫର୍ମରେ ତାଙ୍କର ୮୦୦ ମିଲିୟନରୁ ଅଧିକ ଫଲୋଅର୍ସ ଅଛନ୍ତି ବ୍ୟାଟିଂ ବ୍ୟତୀତ କୋହଲିଙ୍କ ଫିଟନେସ ସମସ୍ତଙ୍କ ପାଇଁ ପେରଣା ୟୁପିଏସ୍‌ସି ୨୦୨୩ ପରୀକ୍ଷାରେ ତୃତୀୟ ର୍‍ୟାଙ୍କ୍ ପାଇଥିବା ଡୋନୁରୁ ଅନନ୍ୟା ରେଡ୍ଡୀ ବିରାଟ କୋହଲିଙ୍କୁ ନିଜର ପ୍ରେରଣା ବୋଲି କହିଛନ୍ତି।



ଅନନ୍ୟା କହିଛନ୍ତି, ବିରାଟ କୋହଲି ମୋ ପସନ୍ଦର ଖେଳାଳି ଓ ତାଙ୍କୁ ଲଢୁଆ ମନୋଭାବ ପ୍ରେରଣା ଯୋଗାଇଛି ଫଳାଫଳର ଉପରେ ଧ୍ୟାନ ନ ଦେଇ ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କରିବା ଜରୁରୀ କୌଣସି ବି ପରିସ୍ଥିତିରେ ପରାଜୟ ସ୍ୱୀକାର ନ କରିବା ମନୋଭାବ ଆବଶ୍ୟକ କ୍ରିକେଟ ମୈଦାନରେ ବିରାଟଙ୍କ ଏପରି ମନୋଭାବ ମୋତେ ପ୍ରଭାବିତ କରିଥିଲା ଅନନ୍ୟାଙ୍କ ଏହି ଭାଇରାଲ ମଧ ହେଉଛି।

ତେଲେଙ୍ଗାନା ମେହବୁବନଗର ଜିଲାର ଅନନ୍ୟା ଏକ ମଧ୍ୟବତ୍ତପରିବାରର ଝିଅ ମାଆ ମଞ୍ଜୁଳା ହୋମ ମେକର ଓ ବାପା ଜଣେ ଛୋଟ ବ୍ୟବସାୟୀ ଦିଲ୍ଲୀର ମିରାଣ୍ଡା ହାଉସ କଲେଜରୁ ବିଏ ପାସ କରିବା ପରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି କରିଥିଲେ ସେ ପ୍ରଥମ ପ୍ରୟାସରେ ହିଁ ସଫଳତା ହାସଲ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ